ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK
पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.67 Bhubaneswar Friday 22 2022 | ୨୫ତମ ବର୍ଷ | ସଂଖ୍ୟା–୬୭ ଭୁବନେଶ୍ୱର, ଶୁକ୍ରବାର, ଅପ୍ରେଲ ୨୨, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ–୧.୫୦ | ₹1.50 | (Air Surcharge - 0.50P) | Member-INS


# ମହାପ୍ରଭୁଙ୍କ ସହ ଷଡଯନ୍ତ୍ର: ସମୟ ଗଡାଇବାକୁ ଏଏସଆଇ ଓ ଓଡିଶା ସରକାରଙ୍କ ଅସାଧୁ ମେଣ୍ଟ

ଭୁବନେଶ୍ୱର,୨୧।୪(ପି.ଏନ): କୋଟି କୋଟି ଶ୍ରଦ୍ଧାଳୁଙ୍କ ଆସ୍ଥାର ପ୍ରତୀକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରର ନିଷେଧାଂଚ୍ଳ ଭିତରେ ରାଜ୍ୟ ସରକାର ବେଆଇନ ନିର୍ମାଣ ବନ୍ଦ ହେବାର ନାଁ ଧରୁନି । ସଂସଦ ଓ ବିଧାନସଭାରେ ଉଦବେଗ, ହାଇକୋର୍ଟରେ ମାମଲା, ଶ୍ରଦ୍ଧାଳୁଙ୍କ ଉଦବେଗ ସତ୍ତ୍ୱେ ଶ୍ରୀମନ୍ଦିରର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ଆଳରେ ରାଜ୍ୟ ସରକାର ନିଷେଧାଂଚ୍ଳର ୧୦୦ମିଟର ଭିତରେ 'କଳା ପାହାଡ' ସଦୃଶ ଖନନ କାର୍ଯ୍ୟ ଜାରି ରଖିଛନ୍ତି । ଆଉ ପ୍ରାଚୀନ କୀର୍ତ୍ତିରାଜିର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ସଂସ୍ଥା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବ ?କ୍ଷଣ(ଏଏସଆଇ) ନିରବଦ୍ରଷ୍ଟା ସାଜିଛି । ଏପରିକି ଶ୍ରୀମନ୍ଦିରର ମେଘନାଦ ପାଚେରୀଠୁ ମାତ୍ର ଅଳ୍ପ କିଛି ଦୂରରେ ନିଷେଧାଂଚ୍ଳ ଭିତରେ ରାଜ୍ୟ ସରକାରଙ୍କ ପକ୍ଷରୁ ଟାଟା କମ୍ପାନୀ କରୁଥିବା ନିର୍ମାଣ କାର୍ଯ୍ୟକୁ ଯେନତେନ ପ୍ରକାରେ ସାରିବା ପାଇଁ ସମୟ ଗଡାଇବାକୁ ସୁଚିନ୍ତିତ ଷଡଯନ୍ତ୍ର ହୋଇଥିବା ଜଣାପଡିଛି । ହାଇକୋର୍ଟରେ ସତ୍ୟପାଠ ଦାଖଲ ପାଇଁ ଏଏସଆଇ ପୁଣି ସମୟ ନେଇଥିବାବେଳେ ବାଚ୍ସ୍ପତିଙ୍କ ଅଧ୍ୟକ୍ଷତାରେ ଗଠିତ ବିଧାନସଭା ଗୃହ କମିଟି ଏହି କାର୍ଯ୍ୟକୁ ତଦାରଖ ପାଇଁ ପୁରୀ ଯିବେ କି ନାହିଁ ତା'ର ଆଇନଗତ ତର୍ଜମା କରାଯାଉଛି କହି ସମୟ ଗଡାଇବାକୁ ଉଦ୍ୟମ କରିଛନ୍ତି । ଯଦିଓ ହାଇକୋର୍ଟରେ ମାମଲା ଥିବା ସତ୍ତ୍ୱେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରଣାଳୟର ସଂସଦୀୟ କମିଟି ଆଜି ପୁରୀ ଗସ୍ତ କରି ଏହି ନିର୍ମାଣ କାର୍ଯ୍ୟକୁ ତଦାରଖ କରିଛନ୍ତି ।ମିଳିଥିବା ସୂଚନା ଅନୁସାରେ, ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ସୁରକ୍ଷା ଆଳରେ ରାଜ୍ୟ ସରକାର ମେଘନାଦ ପାଚେରୀଠୁ ୭୫ମିଟର ପରିସରରେ ଥିବା ସମସ୍ତ କୋଠାବାଡିକୁ ଭାଙ୍ଗି ଦେଇଥିଲେ । ପରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆଳରେ ୧୦୦ମିଟର ଅଂଚ୍ଳକୁ ଅଧିଗ୍ରହଣ କରିଥିଲେ । ଆଉ ୨୦୧୯ ଡିସେମ୍ବର ମାସରେ 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'କୁ ଅନୁମୋଦନ ଜଣାଇଥିବା ରାଜ୍ୟ ସରକାର ୨୦୨୧ ଅଗଷ୍ଟ ମାସରେ ଅବା ଯୋଜନାରେ ଶ୍ରୀମନ୍ଦିର ପ୍ରକଳ୍ପ କାର୍ଯ୍ୟ କରିବା ନିମନ୍ତେ ୩୩୧.୨୮କୋଟି ଟଙ୍କା ବ୍ୟୟର ଟେଣ୍ଡର ଟାଟା ପ୍ରୋଜେକ୍ଟକୁ ଟେଣ୍ଡର ଆକାରରେ ଦେଇଥିଲେ । ଆଉ ଟାଟା କମ୍ପାନୀ ଏହି କାର୍ଯ୍ୟକୁ ନେବା ପରେ ଶ୍ରୀମନ୍ଦିରର ସବୁ ପାର୍ଶ୍ୱରେ ମେଘନାଦ ପାଚେରୀ ପାଖ ତଥା ନିଷେଧାଂଚ୍ଳରେ ଜେସିବି ଲଗାଇ ଖନନ କରିବା ପରେ ରାଜ୍ୟ ସରକାରଙ୍କ ଅସଲ ମୁଖା ଖୋଲି ଯାଇଥିଲା । ଆମ୍ସାର ଆଇନ- ୧୯୫୮ ଓ ଆମ୍ସାର ସଂଶୋଧନ ଆଇନ- ୨୦୧୦ ଅନ୍ତର୍ଗତ ଶ୍ରୀମନ୍ଦିରର ୧୦୦ମିଟର ପରିସରରେ କୌଣସି ପ୍ରକାରର ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ ବୋଲି ପ୍ରାବଧାନ ଥିବା ସତ୍ତ୍ୱେ ଓଡିଶା ସରକାର ନିର୍ମାଣ କାର୍ଯ୍ୟ କରିବା ଜିଦରେ ଅଟଳ ରହିଛନ୍ତି ।ଏବେବି ସେଠାରେ ନିର୍ମାଣ କାର୍ଯ୍ୟ ଜାରି ରହିଛି । ଅବଶ୍ୟ ଶ୍ରୀମନ୍ଦିରର ୧୦୦ମିଟର ନିଷେଧାଂଚ୍ଳ ମଧ୍ୟରେ ନିର୍ମାଣ କାର୍ଯ୍ୟକୁ ବିରୋଧ ହେବାପରେ ୨୦୨୨ ଫେବୃୟାରୀ ୫ତାରିଖରେ ପୁରୀସ୍ଥିତ ଏଏସଆଇ କାର୍ଯ୍ୟାଳୟ ତୁରନ୍ତ କାମ ବନ୍ଦ ପାଇଁ ନୋଟିସ୍ ଜାରି କରିଥିଲା । କିନ୍ତୁ ଓଡିଶା ହାଇକୋର୍ଟରେ ଏପ୍ରିଲ ୮ ତାରିଖରେ ଏକ ଜନସ୍ୱାର୍ଥ ମାମଲାରେ ଆଡଭୋକେଟ୍ ଜେନେରାଲ ଯେଉଁ ଦସ୍ତାବିଜ ଖଣ୍ଡପୀଠଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ ତାହା ଏଏସଆଇ ଓ ନ୍ୟାସନାଲ ମନ୍ୟୁମେଣ୍ଟ ଅଥରିଟି(ଏନଏମଏ)ଙ୍କ ଭୂମିକାକୁ ସନ୍ଦେହଘେରକୁ ଆଣିଛି । ବିଶେଷକରି ଏଏସଆଇ ପକ୍ଷରୁ ଓକିଲ ପିକେ ପରହି ହାଜର ହୋଇ ପିଟିସନକୁ ଅନୁଧ୍ୟାନ କରି ସତ୍ୟପାଠ ଦାଖଲ ନିମନ୍ତେ ଏପ୍ରିଲ ୧୮ତାରିଖ ପର୍ଯ୍ୟନ୍ତ ମହଲତ ମାଗିଥିଲେ । କିନ୍ତୁ ଆଜିର ଶୁଣାଣିବେଳେ ସତ୍ୟପାଠ ଦାଖଲ ପାଇଁ ଏଏସଆଇ ପୁଣି ୨ସପ୍ତାହ ସମୟ ନେଇଛି ।ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଏପ୍ରିଲ ୮ତାରିଖରେ ଉଭୟ ଏଏସଆଇ ଓ ରାଜ୍ୟ ସରକାରଙ୍କୁ ମିଳିତ ଅନୁଧ୍ୟାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏ ଦିଗରେ ଉଭୟ ସାମାନ୍ୟତମ ପଦକ୍ଷେପ ନେଇନାହାନ୍ତି । ଆଉ ହାଇକୋର୍ଟ ବି ଏଏସଆଇ କର୍ତ୍ତୃପକ୍ଷଙ୍କ ଏଭଳି ଦିନ ଗଡାଇବା ଭଳି ପଦକ୍ଷେପକୁ ନେଇ କଠୋର ଆଭିମୁଖ୍ୟ ପୋଷଣ କରିନଥିବା ଜଣାପଡିଛି ।ଏପଟେ ସଂସଦୀୟ କମିଟିର ସଦସ୍ୟ ଶମ୍ଭାଜୀ ଛତ୍ରପତି ବିସ୍ତୃତ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର) ଅନୁମୋଦନ ବିନା କାମ ହେବାକୁ ନାପସନ୍ଦ କରିଛନ୍ତି । ନିଷେଧାଂଚ୍ଳ ଭିତରେ କୌଣସି କାର୍ଯ୍ୟ ଏଏସଆଇର ବିନା ଅନୁମତିରେ ହେବା ଅନୁଚିତ୍ । ଏଏସଆଇ ସହ ସମନ୍ୱୟ ରକ୍ଷା କରି ରାଜ୍ୟ ସରକାର ଶ୍ରଦ୍ଧାଳୁଙ୍କ ସୁବିଧା ନିମନ୍ତେ କାର୍ଯ୍ୟ କରିବା ଉଚିତ୍ । କେଉଁ ପରିସ୍ଥିତିରେ ଡିପିଆରକୁ ଅନୁମୋଦନ ମିଳିନି ଓ କାମ ଜାରି ରହିଛି ସେ ନେଇ ଏଏସଆଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚ୍ନା କରିବେ ବୋଲି କହିଛନ୍ତି ।ଆଜି ପୁରୀ ଗସ୍ତରେ ଥିବା ଏଏସଆଇ ଅତିରିକ୍ତ ଡିଜି ଆଲୋକ ତ୍ରିପାଠୀ ନିଷୋଧାଂଚ୍ଳରେ ଚ୍ଲିଥିବା ନିର୍ମାଣ କାର୍ଯ୍ୟ ସମ୍ପର୍କରେ ମୁହଁ ଖୋଲିନାହାନ୍ତି । ଗଣମାଧ୍ୟମର ବାରମ୍ବାର ପ୍ରଶ୍ନ ସତ୍ତ୍ୱେ ସେ ଏହାକୁ ଏଡାଇ ଯାଇଛନ୍ତି । ଯାହାକି ରାଜ୍ୟ ସରକାରଙ୍କ ସହ ଏଏସଆଇର ଭିତରି ବୁଝାମଣାର ଅସଲ ଚ୍ରିତ୍ରକୁ ପଦାକୁ ଆଣିଛି ।ସେହିପରି ବିଧାୟକମାନଙ୍କ ଉଦବେଗ ଯୋଗୁ ମାର୍ଚ୍ଚ ୩୧ତାରିଖରେ ବାଚ୍ସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୮ ଜଣିଆ ଗୃହ କମିଟି ମଧ୍ୟ ଏହି ନିର୍ମାଣ କାର୍ଯ୍ୟକୁ ତଦାରଖରୁ ନିଜକୁ ଦୂରେଇ ରଖିବା ପାଇଁ ଆଳ ଦେଖାଇଛନ୍ତି । ଥରେ ଏହି ଗୃହ କମିଟିର ବୈଠକ ଡାକି ଦୁଇ ଘଣ୍ଟା ପୂର୍ବରୁ ବାତିଲ କରିଥିବା ବାଚ୍ସ୍ପତି ଶ୍ରୀ ପାତ୍ର ଗୃହ କମିଟିର ହସ୍ତକ୍ଷେପର ଆଇନଗତ ତର୍ଜମା କରାଯାଉଥିବା କହିଛନ୍ତି । ହାଇକୋର୍ଟରେ ମାମଲାର ବିଚ୍ରାଧୀନ ଥିବାରୁ ଏ ଦିଗରେ ଆଇନଗତ ପରାମର୍ଶ ନେବା ଜରୁରୀ ବୋଲି କହି ସମୟ ଗଡାଇଛନ୍ତି । ଆଉ ଏସବୁ ଭିତରେ କୋଟିକୋଟି ଶ୍ରଦ୍ଧାଳୁଙ୍କ ଆସ୍ଥାର ପ୍ରତୀକ 'ଶ୍ରୀମନ୍ଦିର'ର ନିଷେଧାଂଚ୍ଳ ଭିତରେ ବଡ ବଡ ମେସିନ୍ ଲଗାଇ ଖନନ ଓ ନିର୍ମାଣ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ରାଜ୍ୟ ସରକାର ଜାରି ରଖିଛନ୍ତି । ବିରୋଧ ସତ୍ତ୍ୱେ ଏଭଳି ତରବରିଆ ନିର୍ମାଣ ପଛରେ ସରକାରଙ୍କ କ'ଣ ଉଦ୍ଦେଶ୍ୟ ରହିଛି ଓ ଏଏସଆଇଠୁ ଆରମ୍ଭ କରି ବିଧାନସଭା ଗୃହ କମିଟି ପର୍ଯ୍ୟନ୍ତ ସମସ୍ତେ ବିଭିନ୍ନ ଆଳ ଦେଖାଇ ଦିନ ଗଡାଇ ପରୋକ୍ଷରେ ସହଯୋଗ କରୁଥିବା ଚ୍ର୍ଚ୍ଚା ହେଉଛି ।



## ୫-ଟି ସଚିବଙ୍କ କଟକ ଚଣ୍ଡି ମନ୍ଦିର ପରିଦର୍ଶନ

ଭୁବନେଶ୍ୱର,୨୧।୪(ପି.ଏନ) ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟମନ୍ତ୍ରୀଙ୍କ ସଚିବ୫ଟି ଶ୍ରୀ ଭି.କେ. ପାଣ୍ଡିଆନ ଆଜି ପ୍ରତ୍ୟୁଷରେ କଟକ ଚଣ୍ଡୀ ମନ୍ଦିର ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ମାଆଙ୍କ ଦର୍ଶନ କରିବା ସହିତ ମନ୍ଦିରର ବିଭିନ୍ନ ଉନ୍ନୟନମୂଳକ କାମ ସଂପର୍କରେ ସେବାୟତ, ଜିଲ୍ଲାପ୍ରଶାସନ ଓ ସ୍ଥାନୀୟ ଲୋକମାନଙ୍କ ସହିତ ଆଲୋଚନା କରିଛନ୍ତି ।ମନ୍ଦିରର ଉନ୍ନତିକରଣ ତଥା ଅନ୍ୟାନ୍ୟ ବିକାଶ କାର୍ଯ୍ୟ ପାଇଁ ୭ ଦିନ ମଧ୍ୟରେ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ନିମନ୍ତେ ଉପସ୍ଥାପନ କରାଯିବ । ସୂଚନାଯୋଗ୍ୟ ଯେ କଟକର ପ୍ରସିଦ୍ଧ ଚଣ୍ଡୀମନ୍ଦିର ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଶ୍ରଦ୍ଧା ଓ ଆସ୍ଥାର ପ୍ରତୀକ । ଏହି ପୀଠର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କର ସ୍ପଷ୍ଟ ନିର୍ଦ୍ଦେଶ ରହିଛି । ଏଥିପାଇଁ ମନ୍ଦିର କମିଟି ଜିଲ୍ଲା ପ୍ରଶାସନ ସହିତ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ସଂପର୍କରେ ଆଲୋଚନା କରିବ ।ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ୫-ଟି ସଚିବ ଆଲୋଚନା କରିବା ସହ ମନ୍ଦିରର ଅଞ୍ଚଳ ବୁଲି ଦେଖିଛନ୍ତି । ମନ୍ଦିରରେ ଥିବା ସମସ୍ୟା, ବିଶେଷ କରି ଜଳ ନିଷ୍କାସନ, ପାର୍କିଂ ଓ ମରାମତି ନେଇ ମନ୍ଦିର କର୍ତ୍ତୃପକ୍ଷ -ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ କାମ ହାତକୁ ନିଆଯାଇଛି ବୋଲି ଜଣାଯାଇଛି ।ମନ୍ଦିରକୁ ଅଧିକ ସୁନ୍ଦର କରିବା ସହ ଏଠାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ବିଭିନ୍ନ ପଦକ୍ଷେପ ସମସ୍ତଙ୍କ ସହଯୋଗରେ ମନ୍ଦିରର ବିକାଶମୂଳକ କାର୍ଯ୍ୟ ଆରମ୍ଭ ହେବ ।୫-ଟି ସଚିବଙ୍କ ଗସ୍ତ ସମୟରେ ଆରଡିସି, ଜିଲ୍ଲାପାଳ ସିଏମସି କମିଶନର, ଡିସିପି, ପୂର୍ତ୍ତ ବିଭାଗର ବରିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ ।

## କାଳବୈଶାଖୀ ସମ୍ଭାବନା , ୨୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୨୧।୪(ପି.ଏନ) ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ସହ କାଳବୈଶାଖୀର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଦିନ ତାପମାତ୍ରା ସାମାନ୍ୟ ହ୍ରାସ ପାଇପାରେ । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଂଟା ମଧ୍ୟରେ ଅଧିକାଂଶ ଜିଲ୍ଲାରେ ବଜ୍ରପାତ ସହ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି । ଅନୁଗୁଳ, ଢେଙ୍କାନାଳ, ଦେବଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା କୋରାପୁଟ, ରାୟଗଡା, ଓ କନ୍ଧମାଳ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ଓ ପବନ ସହ ଝଡ଼ବର୍ଷା ଜନିତ କାଳବୈଶାଖୀର ସମ୍ଭାବନା ରହିଛି । ଏହି ସମୟରେ ପବନର ବେଗ ଘଂଟାପ୍ରତି ୪୦ରୁ ୫୦ କିଲୋମିଟର ପର୍ଯ୍ୟନ୍ତ ରହିପାରେ ।ଏହି ସମୟ ମଧ୍ୟରେ କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଂଜାମ, ଗଜପତି, ସୁନ୍ଦରଗଡ, ବୌଦ୍ଧ, କଳାହାଣ୍ଡି, ମାଲକାନାଗିରି ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ହେବାର ସମ୍ଭାବନା ରହିଛି ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ଏକ ସତର୍କ ସୂଚନାରେ କୁହାଯାଇଛି । ଏହାକୁ ଦୃଷ୍ଟିରେ ରଖି ଏହି ୨୪ଟି ଜିଲ୍ଲା ପାଇଁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର ।ଅନ୍ୟ ପକ୍ଷରେ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ସର୍ବାଧିକ ତାପମାତ୍ରା (ଦିନର ତାପମାତ୍ରା)ରେ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ହେବାର ସମ୍ଭାବନା ରହିଛି । ପରବର୍ତୀ ୩ ଦିନ ମଧ୍ୟରେ ଦିନର ତାପମାତ୍ରା ସ୍ୱାଭାବିକ ଠାରୁ ୩ରୁ ୪ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି ।

## ଗୋଟିଏ ଦିନରେ ୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୧।୪(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୭୯୬୮ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୮୬୮୭ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୦୪ ରହିଛି ।ଆଜି ଚିହ୍ନଟ ହୋଇଥିବା ୯ ଜଣଙ୍କ ମଧ୍ୟରୁ ୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରେ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି କେନ୍ଦ୍ରାପଡା ଜିଲ୍ଲାରେ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଖୋର୍ଧା ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ନୂଆପଡା ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁର ଜିଲ୍ଲାରୁ ୧ ଜଣ ସଂକ୍ରମିତ ହୋଇଛନ୍ତି ।

## ୫ରୁ ୧୨ ବର୍ଷର ପିଲାଙ୍କୁ ଦିଆଯିବ କୋର୍ବଭାକ୍ସ ! ସୁପାରିସ କଲା ଏକ୍ସପର୍ଟ କମିଟି



ହାଇଦ୍ରାବାଦ, ୨୧।୪: ବାୟୋଲୋଜିକାଲ ଇର କରୋନା ଟିକା କୋର୍ବ ?ଭାକ୍ସକୁ ବ୍ୟବହାର ପାଇଁ ମିଳିପାରେ ଅନୁମତି । ୫ରୁ ୧୨ ବର୍ଷର ପଲାମାନଙ୍କୁ ଏହି ଟିକାର ଡୋଜ୍ ? ଦେବାକୁ ଆଜି ସବଜେକ୍ଟ ଏକ୍ସପର୍ଟ କମିଟି(ଏସ୍ ?ଇସି) ସୁପାରିସ କରିଛି । ଏହି ପ୍ରସ୍ତାବକୁ ଡିସିଜିଆଇ ଅନୁମୋଦନ ଦେବା କ୍ଷଣି ଦେଶରେ ୫ରୁ ୧୨ ବର୍ଷର ପିଲାମାନଙ୍କୁ କୋର୍ବ ?ଭାକ୍ସ ଟିକାର ବ୍ୟବହାର ଆରମ୍ଭ କରାଯିବ ।ମିଳିଥିବା ସୂଚ୍ନା ଅନୁଯାୟୀ, ଗୁରୁବାର ଡିସିଜିଆଇର ବୈଠକ ବସିଥିଲା । ଏହି ବୈଠକରେ ହିଁ ଏସ୍ ?ଇସି ସ୍ୱଦେଶୀ ଜ୍ଞାନକୌଶଳରେ ତିଆରି ପ୍ରଥମ ରିକମ୍ବିନାଣ୍ଟ ପ୍ରୋଟିନ ସବୟୁନିଟ କରୋନା ଟିକା କୋର୍ବ ?ଭାକ୍ସକୁ ୫ରୁ ୧୨ ବର୍ଷ ବୟସର ପିଲାଙ୍କ କ୍ଷେତ୍ରରେ ବ୍ୟବହାର କରିବାକୁ ପ୍ରସ୍ତାବ ଦେଇଛି । ସମୀକ୍ଷା କରିବା ପରେ ଡିସିଜିଆଇ ଟିକାର ଜରୁରିକାଳୀନ ବ୍ୟବହାର ପାଇଁ ଅନୁମତି ଦେବ ବୋଲି ଜଣାପଡିଛି ।ଅନ୍ୟପକ୍ଷରେ ଭାରତ ବାୟୋଟେକ ପ୍ରସ୍ତୁତ କରିଥିବା କୋଭାକ୍ସିନକୁ ମଧ୍ୟ ୫ରୁ ୧୨ ବର୍ଷର ପିଲାଙ୍କ କ୍ଷେତ୍ରରେ ବ୍ୟବହାର କରିବାକୁ କମ୍ପାନୀ ଅନୁମତି ମାଗିଛି । ହେଲେ ଡିସିଜିଆଇ ଭାରତ ବାୟୋଟେକକୁ ଟିକା ସମ୍ପର୍କରେ ଅଧିକ ତଥ୍ୟ ମାଗିଛି ।

## ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେଲେ ସୁବାସ ସିଂହ

ଭୁବନେଶ୍ୱର, ୨୧।୪(ପି.ଏନ) କଟକ ମେୟର ଭାବେ ନିର୍ବାଚିତ ହେବା ପରେ ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେଇଛନ୍ତି ସୁବାସ ସିଂ ।ରାଜ୍ୟସଭା ଅଧ୍ୟକ୍ଷଙ୍କ ପାଖକୁ ସେ ଇସ୍ତଫା ପତ୍ର ପଠାଇଛନ୍ତି । ସୁବାସ ସିଂ ୨ ଏପ୍ରିଲ ୨୦୨୦ରେ ରାଜ୍ୟସଭା ସାଂସଦ ଭାବେ ଦାୟିତ୍ୱ ନେଇଥିଲେ । ରାଜ୍ୟସଭା ସାଂସଦ ଭାବେ ୨ ବର୍ଷ ୨୦ ଦିନ ପୂରଣ କରିଛନ୍ତି ସୁବାସ । ଏବେ ସେ କଟକ ମେୟର ଭାବରେ ନିର୍ବାଚିତ ହୋଇଛନ୍ତି । ଯାହା ଫଳରେ ରାଜ୍ୟସଭା ସାଂସଦ ପଦରୁ ସେ ଇସ୍ତଫା ଦେଇଛନ୍ତି ।

## ମଇ ୨୭ରେ ସ୍ଥଗିତ ଥିବା ସ୍ଥାନରେ ପଂଚାୟତ ନିର୍ବାଚନ

ଭୁବନେଶ୍ୱର, ୨୧।୪(ପି.ଏନ) ଗତ ପଂଚାୟତ ନିର୍ବାଚନବେଳେ ୱାର୍ଡମେମ୍ବର, ସରପଂଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ପଦବୀ ନିମନ୍ତେ ନିର୍ବାଚନ ସମୟରେ ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁଁ ଯେଉଁସବୁ ସ୍ଥାନରେ ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା, ସେଠାରେ ପୁନର୍ବାର ବିଧିବ୍ୟବସ୍ଥା ଅନୁସାରେ ନିର୍ବାଚନ କରାଇବା ଲାଗି ରାଜ୍ୟ ନିର୍ବାଚନ କମିଶନ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ନିର୍ବାଚନ ସ୍ଥଗିତ ଥିବା ସ୍ଥାନରେ ଆସନ୍ତା ମଇ ମାସ ୨୭ ତାରିଖ ଦିନ ନିର୍ବାଚନ ଅନୁଷ୍ଠିତ ହେବ । ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ଅନୁସାରେ ଅପ୍ରେଲ ୨୬ ତାରିଖରେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ନୋଟିସ୍ ଜାରି କରାଯିବ । ଏପ୍ରିଲ୍ ୨୯ ତାରିଖରୁ ମେ ୨ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଗ୍ରହଣ ଓ ଦାଖଲ କରାଯିବ । ମେ ୦୪ ତାରିଖରେ ନାମାଙ୍କନ ପତ୍ର ଯାଂଚ, ମେ ୦୫ ତାରିଖରେ ପ୍ରାର୍ଥୀ ତାଲିକା ପ୍ରକାଶ ପରେ ମେ ୦୭ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯିବ ଏବଂ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ମେ ୨୭ ତାରିଖ ସକାଳ ୭ଟାଠାରୁ ଦିନ ୧ ଘଟିକା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ । ୨୮ରେ ଭୋଟଗଣତି ଓ ନିର୍ବାଚନ ଫଳାଫଳ ଘୋଷଣା ହୋଇ ୩୧ ତାରିଖରେ ବିଜୟୀ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇବ ବୋଲି ରାଜ୍ୟ ନିର୍ବାଚନ କମିଶନ ସୂତ୍ରରୁ ପ୍ରକାଶ । ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ଅଂଚଳରେ ଅପ୍ରେଲ ୨୧ ତାରିଖଠାରୁ ମଇ ୨୮ ତାରିଖ ପର୍ଯ୍ୟନ୍ତ ଆଦର୍ଶ ଆଚରଣ ବିଧି ଲାଗୁ ହେଲା । ପୂର୍ବରୁ ନାମାଙ୍କନ ପତ୍ର ଦାଖଲ କରିଥିବା ପ୍ରାର୍ଥୀମାନେ ପୁନରାୟ ନାମାଙ୍କନ ପତ୍ର ଦାଖଲ କରିବା ଆବଶ୍ୟକ ନାହିଁ ବୋଲି ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ରବିନ୍ଦ୍ର ନାଥ ସାହୁ ଜଣାଇଛନ୍ତି ।

## ରାଜ୍ୟ ସରକାରଙ୍କୁ ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମର ୧.୪୦ କୋଟି ଟଙ୍କା ଲାଭାଂଶ ପ୍ରଦାନ

ଭୁବନେଶ୍ୱର, ୨୧।୪(ପି.ଏନ) ଓଡିଶା କ୍ଷୁଦ୍ରଶିଳ୍ପ ନିଗମ ପକ୍ଷରୁ ରାଜ୍ୟ ସରକାରଙ୍କୁ ୨୦୧୮-୧୯ ବର୍ଷ ପାଇଁ ୧,୪୦,୨୭,୧୦୩ ଟଙ୍କା ଲାଭାଶ ବାବଦରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଙ୍କ ଉପସ୍ଥିତିରେ ଓଡିଶା କ୍ଷୁଦ୍ରଶିଳ୍ପ ନିଗମ ର ଅଧ୍ୟକ୍ଷ ଚିନ୍ମୟ ସାହୁ ଏହି ପରିମାଣ ର ଚେକ୍ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ପ୍ରଦାନ କରିଥିଲେ । ସୂଚନା ଯୋଗ୍ୟ ଯେ ୨୦୧୮-୧୯ ବର୍ଷରେ ଓଡିଶା କ୍ଷୁଦ୍ରଶିଳ୍ପ ନିଗମ ସମସ୍ତ କର ପ୍ରଦାନ କରି ବା ପରେ ୪,୬୭,୪୬,୯୯୬ ଟଙ୍କା ଲାଭ କରିଥିଲା । ତେଣୁ ରାଜ୍ୟ ସରକାରଙ୍କୁ ନିଗମ ୩୦ ପ୍ରତିଶତ ଲାଭାଂଶ ବାବଦରେ ୧,୪୦, ୨୭,୧୦୩ ଟଙ୍କା ପ୍ରଦାନ କରିଛି ।ଭିଡିଓ କନଫରେନ୍ସ ଜରିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର, ଅଣୁ, ଖୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ର ପ୍ରମୁଖ ସଚବ ଶ୍ରୀମତୀ ରଞ୍ଜନା ଚୋପ୍ରା ପ୍ରମୁଖ ଲୋକ ସେବା ଭବନରେ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ଙ୍କ ସଚିବ ୫ଟି ଭି କେ ପଣ୍ଡିଆନ ମଧ୍ୟ ଉପସ୍ଥିତ ଥିଲେ ।

## କେନ୍ଦୁଝରଗଡ ପୌରପାଳିକାରେ ବିଜେପି ଗଡ ଭାଙ୍ଗିବାରେ ବିଜେଡି ଫେଲ ମାରିଲା

କେନ୍ଦୁଝର:୨୧।୪(ପି.ଏନ): ସଦ୍ୟ ସମାପ୍ତ ହୋଇଥିବା ପୌର ନିର୍ବାଚନରେ କେନ୍ଦୁଝରଗଡ ପୌରପାଳିକାର ବିଜେଡି ର ଅଧ୍ୟକ୍ଷା ପ୍ରାର୍ଥୀଙ୍କ ପରାଜୟ ଦଳ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି । ବିଜେପି ପ୍ରାର୍ଥୀ ନିକୁ ସାହୁ ୪୦୨୧ ଖଣ୍ଡ ଭୋଟ ବ୍ୟବଧାନରେ ଜୟଯୁକ୍ତ ହୋଇଛନ୍ତି । କେନ୍ଦୁଝରଗଡ ପୌରପାଳିକାରେ ଶତ ଚେଷ୍ଟା ସତ୍ତ୍ୱେ ବିଜେଡିର ରଣନୀତି ଫେଲ ମାରିଛି । କେନ୍ଦୁଝରରେ ବିଜେଡି ସଂଗଠନ ଏବେ ରସାତଳଗାମି । ବିଜେପି ପୌରାଧ୍ୟକ୍ଷ ପଦ ହାତେଇବା ପରେ ଦଳୀୟ ସମୀକ୍ଷା ବୈଠକ କରାଯାଇ ଦୁର୍ବଳ ହେଉଥିବା ବିଜେଡି ସଙ୍ଗଠନକୁ ଜୀବନ୍ୟାସ ଦେବାକୁ ବହୁ କର୍ମୀ ମତବ୍ୟକ୍ତ କରିଛନ୍ତି । ବିଜେଡିର ସଂଗଠନ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି) କେନ୍ଦୁଝର ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ରହିବା ପରେ ଜିଲ୍ଲା ପରିଷଦ ନିର୍ବାଚନରେ ବିଜେଡି ୩୭ ଟି ଜୋନ ମଧ୍ୟରୁ ୩୪ଟି ଜୋନରେ ବିଜୟୀ ହେବା ସହ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦବୀ ହାତେଇଥିଲା । ଏହା ବ୍ୟତିତ ପୌରପାଳିକା ନିର୍ବାଚନରେ ଦଳ ଯୋଡା,ବଡବିଲ,ଚମ୍ପୁଆ ଏନଏସି ସମେତ ଆନନ୍ଦପୁର ପୌରପାଳିକାରେ ବିଜୟୀ ହୋଇଥିଲେ ହେଁ କେନ୍ଦୁଝରଗଡ ପୌରପାଳିକାରେ ପରାଜୟବରଣ କରିଥିଲା । ପ୍ରଣବ ପ୍ରକାଶ ଦାସ କେନ୍ଦୁଝର ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ରହିବା ପରେ କେନ୍ଦୁଝରଗଡ ପୌରାଞ୍ଚଳରେ ବିଜେଡି ମଜଭୂତ ହେବା ବଦଳରେ ଦିନକୁ ଦିନ ଦୁର୍ବଳ ହେଉଛି । ୨୦୧୯ ସାଧାରଣ ନିର୍ବାଚନରେ ବିଜେପି ସଦର ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀ କେନ୍ଦୁଝରଗଡ ପୌରପାଳିକା ରୁ ୧୮୦୦ ଖଣ୍ଡ ଭୋଟ ଅଧିକ ଭୋଟ ପାଇବା ଫଳରେ ୧୧୮୯ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ । ଚଳିତ ପୌରପାଳିକା ନିର୍ବାଚନରେ ବିଜେପି ଗଡ ଭାଙ୍ଗିବାରେ ବିଜେଡି ଫେଲ ମାରିଛି । ବିଜେପି ର ପୌରାଧ୍ୟକ୍ଷ ନିକୁ ସାହୁ ୪୦୨୧ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି । ଚଳିତ ପୌର ନିର୍ବାଚନରେ ବିଜେଡି ଅଧ୍ୟକ୍ଷା ପ୍ରାର୍ଥୀ ପରାଜୟବରଣ କରିବା ଦଳୀୟ ଶୀର୍ଷ ନେତୃତ୍ୱ ଙ୍କ ପାଇଁ ଚିଂାର କାରଣ ହୋଇଛି । କେବଳ କେନ୍ଦୁଝର ପୌରପାଳିକା ନୁହେଁ କେନ୍ଦୁଝର ଜିଲ୍ଲାରେ ବିଜେଡି ସଂଗଠନ ଏବେ ରସାତଳଗାମି । ଦଳୀୟ ସଂଗଠନ ଏବଂ ବିଧାୟକ,ସାଂସଦ ଏବଂ ମନ୍ତ୍ରୀଙ୍କ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁଁ ଦଳରେ ଅଂର୍ଦ୍ୱନ୍ଦ ବଢିବାରେ ଲାଗିଛି । ବିଜେଡି ଜିଲ୍ଲା ସଭାପତି,ବିଧାୟକ ,ସାଂସଦ ଏବଂ ମନ୍ତ୍ରୀ କେହି ଦଳର ସାଂଗଠନିକ ସମସ୍ୟା ଏବଂ କର୍ମୀଙ୍କ ସମସ୍ୟା ଶୁଣିବାକୁ ତତ୍ପର ନୁହଁନ୍ତି । ଗତ ସାଧାରଣ ନିର୍ବାଚନରେ ବିଜେଡି କେନ୍ଦୁଝର ଜିଲ୍ଲାରୁ ୫ଜଣ ବିଧାୟକ ଏବଂ ଜଣେ ସାଂସଦ ବହୁ ଭୋଟ ବ୍ୟବଧାନରେ ନିର୍ବାଚିତ ହୋଇଥିଲେ । ଏପରିକି ନିର୍ବାଚନ ପରେ ଲୋକ ପ୍ରତିନିଧି ଲୋକଙ୍କ ସମସ୍ୟା ଶୁଣିବାକୁ ମଧ୍ୟ ସମୟ ନାହିଁ । ରାଜ୍ୟରେ ବିପୁଳ ଜନମତ ପାଇ ବିଜୁ ଜନତା ଦଳର ସରକାର ପଞ୍ଚମ ଥର ପାଇଁ ଶାସନ କ୍ଷମତାକୁ ଆସିଥିଲେ ମଧ୍ୟ କେନ୍ଦୁଝର ଜିଲ୍ଲାରେ ବିଜୁ ଜନତା ଦଳର ସଂଗଠନ ଏବେ ବିପର୍ଯ୍ୟୟ ଆଡକୁ ଗତି କରୁଥିବା ପରିଲକ୍ଷିତ ହୋଇଛି । ତୃଣମୂଳସ୍ତରର କର୍ମୀ ଓ ନିର୍ବାଚିତ ବିଧାୟକଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟର ଅଭାବ କାରଣରୁ ନୈରାଶ୍ୟ ମଧ୍ୟ ଦେଇ ଗତି କରୁଛନ୍ତି ଦଳର ତୃଙ୍ଗ କର୍ମୀମାନେ । ଏପରିକି ଦଳରେ ଅନ୍ୟ ଦଳରୁ ଆସିଥିବା ରାଜନେତାଙ୍କୁ ଗୁରୁତ୍ୱ ଦେବା ଫଳରେ ଦଳରେ ଫାଟ ସୃଷ୍ଟି ହେବାର ଲକ୍ଷ କରାଯାଉଛି । ନିକଟରେ ବିଜେପି ଛାଡି ବିଜେଡି ରେ ଯୋଗ ଦେଇଥିବା ଧନୁର୍ଜୟ ସିଦ୍ଧୁଙ୍କୁ ଦଳ ଅଧିକ ଗୁରୁତ୍ୱ ଦେଉଥିବାବେଳେ ତେଲକୋଇ ନିର୍ବାଚନମଣ୍ଡଳୀରେ ଦଳୀୟ ଅସଂୋଷ ବଢିବାରେ ଲାଗିଛି । କେନ୍ଦୁଝରରେ ବିଜୁ ଜନତା ଦଳକୁ ଆହୁରି ସଂଗଠିତ ଓ ସଶକ୍ତ କରିବା ପାଇଁ ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଆଗାମି ଦିନରେ କି ପଦକ୍ଷେପ ନେବେ ତାହା କର୍ମୀଙ୍କ ମହଲରେ ଆଲୋଚ୍ୟର ବିଷୟ ହୋଇଛି ।

## ସାମାନ୍ୟ କମିଲା ତାତି

ଭୁବନେଶ୍ୱର, ୨୧।୪(ପି.ଏନ) କାଳବୈଶାଖୀ ପ୍ରଭାବରେ ରାଜ୍ୟରେ ତାତି ସାମାନ୍ୟ କମିଛି । ଗୁରୁବାର ଦିନ ରାଜ୍ୟରେ ୧୦ ସ୍ଥାନରେ ୪୦ ଡିଗ୍ରୀ ଉପରେ ରେକର୍ଡ କରାଯାଇଛି । ଗତ କିଛି ଦିନ ଭଳି ସୋନପୁର ସର୍ବାଧିକ ଉତପ୍ତ ସହର ରହିଛି । ତେବେ ୨ ଦିନ ଧରି ଏଠାରେ ତାପମାତ୍ରା ୪୪ ଡିଗ୍ରୀ ଉପରେ ରହୁଥିବା ବେଳେ ଆଜି ୪୨.୫ ଡିଗ୍ରୀ ରେକର୍ଡ ହୋଇଛି । ସେହିପରି ସୁନ୍ଦରଗଡ ସହରରେ ମଧ୍ୟ ତାପମାତ୍ରା ୪୨.୫ ଡିଗ୍ରୀ ରେକର୍ଡ଼ ହୋଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ କାଳବୈଶାଖୀ ଯୋଗୁଁ ଆସନ୍ତା ୨ରୁ ୩ ଦିନ ପର୍ଯ୍ୟନ୍ତ ତାପମାତ୍ରା ସାମାନ୍ୟ କମ୍ ରହିବ । ୨୪ ତାରିଖ ପରେ ପୁଣି ତାପମାତ୍ରା ବଢିବାର ସମ୍ଭାବନା ରହିଛି । ଗୁରୁବାର ଦିନ ରାଜ୍ୟରେ ୧୦ ସ୍ଥାନରେ ୪୦ ଡିଗ୍ରୀ ଉପରେ ଏବଂ ୪ ସହରର ତାପମାତ୍ରା ୪୨ ଡିଗ୍ରୀ ଉପରେ ରେକର୍ଡ ହୋଇଛି । ବଲାଙ୍ଗିର ୪୨.୨ ଡିଗ୍ରୀ , ଟିଟିଲାଗଡ଼ ୪୨.୨ଡିଗ୍ରୀ, ଭବାନୀପାଟଣା ୪୧.୨,ବରଗଡ଼ ଓ ନୂଆପଡ଼ା ୪୧ , ଝାରସୁଗୁଡ଼ା ୪୦.୮ ,ସମ୍ବଲପୁର ୪୦. ଓ ଅନୁଗୁଳ ୪୦.୧ ଡିଗ୍ରୀ ରେକର୍ଡ ହୋଇଛି । ସେହିପରି ଭୁନେଶ୍ୱରରେ ୩୬.୮ ଡିଗ୍ରୀ ଏବଂ କଟକରେ ୩୫.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି ।









# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜି ହେଉଛି ଡିସେମ୍ବର ୦୧ ତାରିଖ। ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି। ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ ଆଜି ଜନ୍ମ ହୋଇଛନ୍ତି। ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

- ବିଶ୍ୱ ଏଡ୍ସ ଦିବସ
- ଭାରତୀୟ ସୀମା ସୁରକ୍ଷା ବାହିନୀ (ବିଏସ୍ଏଫ୍ ପ୍ରତିଷ୍ଠା ହୋଇଥିଲା (୧୯୬୫)
- ବିହାରର-ଲକ୍ଷ୍ମଣପୁର ବାଥେଠାରେ ରଣବୀର ସେନା ରଚାଇଲା ନରସିଂହାର (୧୯୯୭)
- ନାଗାଲାଣ୍ଡ ଭାରତର ୧୬ତମ ରାଜ୍ୟରେ ପରିଣତ ହେଲା (୧୯୬୩)
- ୟୁନାଇଟେଡ୍ ନେଶନ୍‌ରେ ଯୋଗଦେଲା ଆଙ୍ଗୋଲା (୧୯୬୭)
- ବେନଜୀର ଭୁଟ୍ଟୋଙ୍କୁ ପାକିସ୍ତାନର ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି କରାଗଲା (୧୯୮୮)

## ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ଚା'ପତି ବଦଳରେ କୀଟନାଶକ, ୨ମୃତ

ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ



ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ପୁରାଣ କାହାଣୀ

## କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ। ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ। ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି। ଏକଦା ଦେବତା ଓ ରାକ୍ଷସ ସମୂଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା। ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ। ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ। ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା। କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ। ମା' ଶିପ୍ରା ନଦୀ ଉକ୍ତ ବିଷକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ। ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ। କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ। ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା। ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ। ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି।

## ୫୦୦ କୋଟି ବନାମ ୫୦୦ଟଙ୍କା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇଞ୍ଜିନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ



୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

## ଲାଭଦାୟକ ୱେବ୍‌ସାଇଟ୍

ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା



ମଧ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ ସାହାଯ୍ୟ କରିବ ।

## ଆଜିର ଭାଗ୍ୟ

**ମେଷ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

## ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ'ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ'ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ। ପଙ୍ଖାପୁରର ବଡଗାଓଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା। ବାଶ୍ ତା' ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।




# ସାହିତ୍ୟ, ସାମ୍ବାଦିକତା ଓ ରାଜନୀତିର ଭଗୀରଥ





ଏକାଧାରରେ ସେ ଥିଲେ ଜଣେ ସଫଳ ରାଜନୀତିଜ୍ଞ, ରାଷ୍ଟ୍ରନୀତିଜ୍ଞ, ପ୍ରବୀଣ ସାମ୍ବାଦିକ, ସଂସ୍କୃତ ବିଦ୍ୱାନ, କବି, ସୁଲେଖକ, ସାହିତ୍ୟ ସଂଗଠକ, ସ୍ୱାଧୀନତା ସଂଗ୍ରାମୀ ଓ ସମାଜସେବୀ। ସେ ଥିଲେ ଅତୁଳନୀୟ ବିରଳ ବ୍ୟକ୍ତିତ୍ୱର ଅଧିକାରୀ। କେନ୍ଦ୍ରରେ ଉପମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ, କ୍ୟାବିନେଟ୍ ମନ୍ତ୍ରୀ, ଆମ ରାଜ୍ୟ ଓଡ଼ିଶାର ତିନିଥର ମୁଖ୍ୟମନ୍ତ୍ରୀ, ପ୍ରଦେଶ କଂଗ୍ରେସ କମିଟିର ସଭାପତି, ବିରୋଧୀ ଦଳ ନେତା, ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି, ଉଭୟ ରାଜ୍ୟ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ସାହିତ୍ୟିକ ଏବଂ ଆସାମ ରାଜ୍ୟର ରାଜ୍ୟପାଳ । ଏହି ମହାନ ବ୍ୟକ୍ତିତ୍ୱଙ୍କୁ 'ଓଡ଼ିଶା ରାଜନୀତିର ଋଣକ୍ୟ' ମଧ୍ୟ କୁହାଯାଇଥାଏ । ବହୁ ସମ୍ମାନଜନକ ତଥା ଗୌରବୋଜ୍ଜ୍ୱଳ ପଦ ପଦବୀରେ ରହିବାରେ ମହତାବଜୀଙ୍କ ପରେ ସେ ହେଉଛନ୍ତି ଓଡ଼ିଶାର ଦ୍ୱିତୀୟ ବ୍ୟକ୍ତି । ଉଭୟ ମହତାବ୍‌ଜୀ ଓ ଜାନକୀ ବଲ୍ଲଭ ପଟ୍ଟନାୟକ ମହୋଦୟ ରାଜନୈତିକ ସଂପର୍କରେ ଗୁରୁ-ଶିଷ୍ୟ ହେଲେ ହେଁ ବାସ୍ତବରେ ସେମାନେ ଥିଲେ ବିଚକ୍ଷଣ ରାଜନୀତିଜ୍ଞ। ସେମାନଙ୍କ ରାଜନୈତିକ ଜୀବନରେ ବହୁ ସାମଞ୍ଜସ୍ୟ ଥିବାରୁ ଜାନକୀବାବୁଙ୍କୁ 'ଓଡ଼ିଶାର ଦ୍ୱିତୀୟ ମହତାବ' ବୋଲି କୁହାଯାଏ। ଏକଦା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ନିଜ ଦଳର ଦୁଇଜଣଙ୍କୁ ପଣ୍ଡିତଜୀ ବୋଲି ସମ୍ବୋଧନ କରୁଥିଲେ । ସେମାନେ ହେଲେ ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କେନ୍ଦ୍ରମନ୍ତ୍ରୀ କମଳାନାଥ ତ୍ରିପାଠୀ ଓ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ଜାନକୀବଲ୍ଲଭ ପଟ୍ଟନାୟକ । ପଣ୍ଡିତଜୀ ଭଳି ବିରଳ ସମ୍ବୋଧନ ପାଇବାରେ ରାଜନେତାମାନଙ୍କ ମଧ୍ୟରେ ଓଡ଼ିଶାରୁ ଜାନକୀ ବଲ୍ଲଭ ବାବୁ ଏକମାତ୍ର ବ୍ୟକ୍ତି ଥିଲେ । ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳାଧିପତି ପଦ ପାଇବାରେ ସେ ମଧ୍ୟ ଓଡ଼ିଶାର ଏକମାତ୍ର ବ୍ୟକ୍ତି ଥିଲେ । ତାଙ୍କ ଭଳି ଓଡ଼ିଶାର କୌଣସି ରାଜନେତା ଓଡ଼ିଆ ଓ ସଂସ୍କୃତ ସାହିତ୍ୟରେ ଏଭଳି ପାଣ୍ଡିତ୍ୟ ଲାଭ କରିନାହାନ୍ତି । କେନ୍ଦ୍ର ଓ ରାଜ୍ୟର ବହୁ ସମ୍ମାନ ମଧ ସେ ପାଇଛଂତି । ମହାଭାରତ, ରାମାୟଣ, ବେଦ ବେଦାନ୍ତରେ ତାଙ୍କର ଥିଲା ଅଗାଧ ପାଣ୍ଡିତ୍ୟ। ବିଚକ୍ଷଣ ରାଜନୀତିଜ୍ଞ ଭାବେ ପରିଚିତ ଥିବା ଜାନକୀବାବୁ ଥିଲେ ପ୍ରଚଣ୍ଡ ପ୍ରତିଭାଧର ଓ ସଫଳ ବ୍ୟକ୍ତିତ୍ୱ।




ତତ୍କାଳୀନ ଖୋର୍ଦ୍ଧା କିଲ୍ଲା (ରାଜ୍ୟ)ର ୧୨ଟି ଜିଲ୍ଲା ମଧ୍ୟରୁ ରାମେଶ୍ୱର କିଲ୍ଲାର ରାମେଶ୍ୱର ଗଡ଼ରେ ୧୯୨୭ ମସିହା ଜାନୁଆରୀ ୩ ତାରିଖରେ ଜନ୍ମଗ୍ରହଣ କରିଥିଲେ ଜାନକୀବଲ୍ଲଭ। ଗାଁରେ ମାଇନର ସ୍କୁଲ ପର୍ଯ୍ୟନ୍ତ ପଢିବା ପରେ ଖୋର୍ଦ୍ଧା ହାଇ ଇଂଲିସ ସ୍କୁଲରେ(ପରେ ବି.ଜେ.ବି. ହାଇସ୍କୁଲ) ସେ ପାଠ ପଢିଲେ । ଛାତ୍ର ଅବସ୍ଥାରେ ସେ ଥିଲେ ସରଳ, ସ୍ୱାଧୀନତା ପ୍ରେମୀ, ସାହିତ୍ୟ ପ୍ରେମୀ ଓ ବନ୍ଧୁ ବତ୍ସଳ । ତାଙ୍କ ସହପାଠୀମାନଙ୍କ ମଧ୍ୟରେ ବେଗୁନିଆର ପୂର୍ବତନ ବିଧାୟକ, ଝଙ୍କାରର ପୂର୍ବତନ ସଂପାଦକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପ ସଭାପତି ସତ୍ୟାନନ୍ଦ ଚମ୍ପତିରାୟ, ପିସିସି ସଭାପତି ପ୍ରସାଦଙ୍କ ପିତା ଫକୀର ହରିଚନ୍ଦନ, ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ପିତା ଗୋକୁଳାନନ୍ଦ, ସ୍ୱାଧୀନତା ସଂଗ୍ରାମୀ ଜାନକୀରାମ ଭଂଜ ଓ ଆଇନଜୀବୀ ବଳରାମ ଦାଶ ପ୍ରମୁଖ ଥିଲେ । ଥରେ ସେ ଦେହ ଅସୁସ୍ଥ ହେତୁ ସ୍କୁଲରେ ଋରିଦିନ ଅନୁପସ୍ଥିତ ରହିଲେ । ସେତେବେଳେ ପ୍ରଧାନ ଶିକ୍ଷକ ଥିଲେ ରାୟ ସାହେବ ବାଙ୍କନିଧି ପଟ୍ଟନାୟକ । ଋରିଦିନ ଅନୁପସ୍ଥିତ ପରେ ଜାନକୀବାବୁଙ୍କୁ ଦେଖି ପ୍ରଧାନ ଶିକ୍ଷକ ପ୍ରଶ୍ନ କଲେ, "Janaki, where had you been so long ? I did not find you in the class for the last four or five days?" ଭୟ ଓ ସଂଭ୍ରମତା ଯୋଗୁଁ ଜାନକୀବଲ୍ଲଭଙ୍କ ପିତା ଲେଖିଥିବା ଦରଖାସ୍ତଟିକୁ ଦେଇ ନଥିବାରୁ ତାଙ୍କ ସହପାଠୀ ଫକୀର ହରିଚନ୍ଦନ, ପଣ୍ଡିତ ଗୋକୁଳାନନ୍ଦ ପଟ୍ଟନାୟକଙ୍କ ପରିଚୟ ପ୍ରଦାନ କରି ପତ୍ରଟି ଦେଇଥିଲେ ଓ ସେଥିରେ ଲେଖାଥିଲା- "ଖୋରଧା ଉଚ୍ଚ ଇଂରାଜୀ ବିଦ୍ୟାଳୟ...ମାନନୀୟ ପ୍ରଧାନ ଶିକ୍ଷକ ମହୋଦୟ...ଶ୍ରୀମାନ ଜାନକୀବଲ୍ଲଭ ମୋ ତନୟ...ପୁତ୍ରର ସ୍ୱାସ୍ଥ୍ୟସ୍ଥିତିରେ ସଦାଳୟ...ସାମାନ୍ୟ ଜ୍ୱର ସହ ଥଣ୍ଡା ଅତିଶୟ...ହେବାରୁ ରହିଲା ଦିନ ଚତୁଷ୍ଟୟ...ଏଣୁ ମୁଁ ପ୍ରାର୍ଥନା କରୁଛି ସବିନୟ...ଛୁଟି ତା'ର ମଞ୍ଜୁର କରିବେ ସହୃଦୟ-ଇତିଶ୍ରୀ ଗୋକୁଳାନନ୍ଦ ଭବଦୀୟ ॥" ଜାନକୀବଲ୍ଲଭଙ୍କ ପିତା ଗୋକୁଳାନନ୍ଦ ପଟ୍ଟନାୟକ ସଂସ୍କୃତ ପଣ୍ଡିତ ନଥିଲେ । ସେ ଥିଲେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ। ସେତେବେଳେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କୁ ପଣ୍ଡିତ କୁହାଯାଉଥିଲା । କିଂତୁ ସେ ପ୍ରକୃତରେ ଥିଲେ ଅସାଧାରଣ ଜ୍ଞାନୀ ଓ ପଣ୍ଡିତ । ସେ ଲେଖିଥିଲେ ଜାନକୀ ବଲ୍ଲଭ ବିଳାସ ଓ ଅନ୍ୟାନ୍ୟ ଅନେକ ପୁସ୍ତକ । ସେତେବେଳେ ବହୁ ପାଲା ଗାୟକ ତାଙ୍କ ଲିଖିତ ଛାନ୍ଦ ଚଉପଦୀ ବାଦିପାଲା-ମାନଙ୍କରେ ଆବୃତ୍ତି କରୁଥିଲେ । ଖଣ୍ଡପଡ଼ାର ଗଦାଧର ସିଂହସାମନ୍ତ, ଡମପଡ଼ାର ନଟବର ଧଳସାମନ୍ତ, ଗୋଲବାଇର ବାଙ୍କା ଦାଶଙ୍କ ଭଳି ରାମେଶ୍ୱରର ପଣ୍ଡିତ ଗୋକୁଳାନନ୍ଦ ପଟ୍ଟନାୟକଙ୍କ ଛାନ୍ଦ କବିତା, ଚଉପଦୀ ପାଲାଗାୟକମାନଙ୍କ ମଧ୍ୟରେ ଜନପ୍ରିୟ ଥିଲା । ପଣ୍ଡିତ ଗୋକୁଳାନନ୍ଦଙ୍କ ସୁଯୋଗ୍ୟ ସନ୍ତାନ ପଣ୍ଡିତ ଜାନକୀ ବଲ୍ଲଭ ବାପାଙ୍କ ଠାରୁ ବଳିଗଲେ, ବାପ୍‌ସେ ବେଟା ଜ୍ୟାଦା।

ଶିକ୍ଷକମାନଙ୍କ ପ୍ରତି ଜାନକୀବାବୁଙ୍କର ବିଶେଷ ସମ୍ମାନବୋଧ, ଶ୍ରଦ୍ଧା, ଭକ୍ତି ଓ ପ୍ରଗାଢ ଅନୁରାଗ ଥିଲା, ଯେହେତୁ ବାପା ଥିଲେ ଶିକ୍ଷକ। ସେତେବେଳେ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଦୁଇପ୍ରକାର ଶିକ୍ଷକ ଥିଲେ। ଯେଉଁମାନେ ମୌଳିକ ବିଦ୍ୟାଳୟରେ ଶିକ୍ଷକ ଥିଲେ, ସେମାନେ ହେଲେ ସରକାରୀ ଓ ସାଧାରଣ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ଥିଲେ ବେସରକାରୀ। ଜାନକୀବାବୁ ଏହାକୁ ହୃଦୟଙ୍ଗମ କରି ସାଧାରଣ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ସରକାରୀ ଘୋଷଣା କରିଥିଲେ। ତାହା ଥିଲା ୧୯୮୯ ମସିହା ସେପ୍ଟେମ୍ବର ୫ ତାରିଖ। ଗୁରୁ ଦିବସରେ ଶିକ୍ଷକମାନଙ୍କୁ ଜାନକୀବାବୁଙ୍କ ଏହି ଭେଟି ପ୍ରାଥମିକ ଶିକ୍ଷକମାନଙ୍କ ପାଇଁ ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ। ମୁଁ ସେତେବେଳେ ଓଡ଼ିଶା ୟୁଜିମିଇ ସ୍କୁଲ ଶିକ୍ଷକ ସଂଘର ରାଜ୍ୟସ୍ତରୀୟ ସଂପାଦକ ତଥା ଖୋର୍ଦ୍ଧା ଶିକ୍ଷା ଜିଲ୍ଲା ସଂଘର ସଂପାଦକ ଥିଲି। ଜାନକୀ ବାବୁଙ୍କ ଘୋଷଣାରେ ଆମ ସଂଘରେ ବେଶ୍ ଆନନ୍ଦ ପରିଲକ୍ଷିତ ହୋଇଥିଲା। ସଂଘ ତରଫରୁ ଆମେ ଜାନକୀ ବାବୁଙ୍କୁ ଭେଟି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଇଥିଲୁ। ଏତଦବ୍ୟତୀତ ପ୍ରାଥମିକ ଶିକ୍ଷକ ପଦୋନ୍ନତି ପାଇ ଶିକ୍ଷା ନିରୀକ୍ଷକ ପର୍ଯ୍ୟନ୍ତ କିଭଳି ଯାଇପାରିବେ, ସେଥିପାଇଁ ଏଲିମେଂଟାରୀ କ୍ୟାଡର ରୁଲ୍ ପ୍ରଚଳନ କରିଥିଲେ।

ଜାନକୀବାବୁଙ୍କ ସହ ଯେତିକି ସମୟ ମିଶିଛି, ତାହା ଏବେ ସ୍ମୃତି । ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ରାଜକିଶୋର ପାଣିଗ୍ରାହୀଙ୍କ ବହି 'ଟିକି ଟିକି ତାରାଫୁଲ'ର ଉନ୍ମୋଚନ ଉତ୍ସବରେ ତାଂକ ନିକଟରେ କିଛି ସମୟ ବିତେଇବାର ସୁଯୋଗ ମିଳିଥିଲା। ଆସାମର ରାଜ୍ୟପାଳ ଭାବେ କାର୍ଯ୍ୟକାଳ ସରିବା ପୂର୍ବରୁ ଆସାମ ପରିଦର୍ଶନ ପାଇଁ ମତେ ଏକ ସୁଯୋଗ ମିଳିଥିଲେ ହେଁ ମୁଁ ଯାଇପାରିନଥିଲି। ଏବେ ସବୁ ସେଇ ସ୍ମୃତି। ସ୍ମୃତି ତ ନୁହେଁ ଫିଙ୍ଗିବାର..। ସେ ଥିଲେ କର୍ମଯୋଗୀ। କର୍ମ ଉପରେ ଥିଲା ତାଂକର ଅଖଣ୍ଡ ବିଶ୍ୱାସ। କବିଙ୍କ ଭାଷାରେ: କର୍ମ ହିଁ ଜୀବନ, କର୍ମ ହିଁ ଉଦ୍ଦେଶ୍ୟ/ଜଡ଼ ତା' ଜୀବନ ମରଣ ସିନା/ଦୁର୍ଲ୍ଲଭ ମାନବ ଜନମ ବିଅର୍ଥ/ଜୀବନ କର୍ତବ୍ୟ ସାଧନ ବିନା।

**ସତ୍ୟବାଦୀ ବଳିଆରସିଂହ, ବିଶ୍ୱାମ୍ବା, ବକ୍ସି ଜଗବନ୍ଧୁ ନଗର, ଖୋରଧା, ଦୂରଭାଷ: ୯୨୩୭୦୮୯୫୦୯**

# ଜନତାଙ୍କ ଉପରେ ମହଙ୍ଗା ମାଡ଼ ଅସହ୍ୟ !

ଭୁବନେଶ୍ୱର (ପିଏନ୍)- କେନ୍ଦ୍ରର ବିଜେପି ସରକାର ଦେଶବାସୀଙ୍କୁ ଏକ ଭୟଙ୍କର ପରିସ୍ଥିତିକୁ ଠେଲି ଦେଇଛି। ଦରଦାମ ବୃଦ୍ଧି ସାଧାରଣ ଜନତାଙ୍କୁ ନୟାନ୍ତ ଏବଂ ତଳିତଳାନ୍ତ କରିଦେଇଛି। ଲୋକଙ୍କ ଭିତରେ ତ୍ରାହି ତ୍ରାହି ଚିତ୍କାର। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସର ଦାମ ଉଦ୍‌ବେଗ ଜନକ ଭାବରେ ବଢ଼ି ଚାଲିଛି। ଗତ ୧୩ ଦିନ ଭିତରେ ୧୨ ଥର ପେଟ୍ରୋଲ ଓ ଡିଜେଲର ଦାମ ବଢ଼ିଛି। ଭୁବନେଶ୍ୱର ପେଟ୍ରୋଲ ର ଦାମ ଟ. ୧୧୧.୫୩ ଡିଜେଲ ୧୦୧.୨୯ ଏବଂ ଗ୍ୟାସର ଦାସ ୯୭୬ ଟଙ୍କାରେ ପଂହଚିଛି। ଏହାର ପ୍ରଭାବରେ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଦର ପ୍ରବଳ ମାତ୍ରାରେ ବଢ଼ିଛି, ଯାହାକି ସାଧାରଣ ଜନଜୀବନକୁ ଚରମ ଦୁର୍ଦ୍ଦଶା ଭିତରକୁ ଠେଲି ଦେଇଛି। ଏହାକୁ ନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରର ବିଜେପି ସରକାରକୁ ଶାଣିତ ଆକ୍ରମଣ କରିଛନ୍ତି କଂଗ୍ରେସର ରାଜ୍ୟ ପ୍ରବକ୍ତା ଶ୍ରୀ ସୁଦର୍ଶନ ଦାସ। କେନ୍ଦ୍ରର ୟୁପିଏ ସରକାର ସମୟରେ ପେଟ୍ରୋଲ, ଡିଜେଲ ଓ ଗ୍ୟାସ ଦରରେ ସାମାନ୍ୟ ବୃଦ୍ଧି ବେଳେ ସ୍ମୃତି ଇରାନୀ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂକୁ ଚୁଡ଼ି ପିନ୍ଧାଇବା ପାଇଁ ନାରା ଦେଇଥିଲେ। ଏବେ କୁଆଡ଼େ ଗଲେ ସ୍ମୃତି ଇରାନୀ ଏବଂ ବିଜେପିର ଅନ୍ୟ ନେତାମାନେ ? ବାବା ରାମଦେବ ସେତେବେଳେ ମୋଦି ସରକାର ଆସିଲେ ୪୦ ଟଙ୍କାର ପେଟ୍ରୋଲ ମିଳିବ ବୋଲି କହିଥିଲେ। ଏବେ କୁଆଡ଼େ ଗଲେ ସେହି ରାମଦେବ ଏବଂ ତାଙ୍କର ଚେଲାମାନେ ?

କଂଗ୍ରେସ ସରକାର ସମୟରେ ୨୦୧୨-୨୦୧୪ ସମୟ କାଳ ଭିତରେ ଅଶୋଧିତ ତୈଳ ଦର ଥିଲା ବ୍ୟାରେଲ ପିଛା ୧୦୮ରୁ ୧୪୦ ଡଲାର। ସେତେବେଳେ ପେଟ୍ରୋଲ ଦାମ ଥିଲା ୭୧ ଟଙ୍କା ୪୧ ପଇସା ଓ ଡିଜେଲର ଦାମ ଥିଲା ୫୫ ଟଙ୍କା ୪୯ ପଇସା। ମାତ୍ର ଏବେ ୨୦୨୨ର ବିଜେପି ସରକାର ସମୟରେ ଅଶୋଧିତ ତୈଳର ଦାମ ହେଉଛି ୧୦୮ ଡଲାର। ମାତ ପେଟ୍ରୋଲ ଡିଜେଲର ଦାମ ଶହେ ପାର କାହିଁକି ? ବିଜେପି ସରକାର ପାଖରେ ଏହାର ଉତର ଅଛିକି ?

୨୦୧୪ରେ କଂଗ୍ରେସ ସରକାର ସମୟରେ ପେଟ୍ରୋଲ ଓ ଡିଜେଲ ଉପରେ ଟ୍ୟାକ୍ସ ପରିମାଣ ଲିଟର ପିଛା ଯଥାକ୍ରମେ ଟ. ୯.୨୦ ଓ ଟ. ୩.୪୬ ଥିଲା। ମାତ୍ର ବର୍ତ୍ତମାନ ତାହା ଯଥାକ୍ରମେ ୨୦୩ ଓ ୫୩୧ ଶତାଂଶ ବୃଦ୍ଧି ପାଇଛି। ୨୦୧୪ ରୁ ୨୦୨୨ ଭିତରେ ବିଜେପି ସରକାର ଦେଶବାସୀଙ୍କ ପକେଟ କାଟି ଓ ସେମାନଙ୍କୁ ଲୁଟ କରି ରାଜକୋଷକୁ ଭର୍ତି କରିବାରେ ଲାଗିଛନ୍ତି। ଏହି ସମୟ ଭିତରେ ପେଟ୍ରୋଲ, ଡିଜେଲ ଓ ଗ୍ୟାସର ଦରବୃଦ୍ଧି କରି ଲୋକଙ୍କ ଠାରୁ ୨୬ ଲକ୍ଷ କୋଟି ଟଙ୍କା ଲୁଟ କରିଛନ୍ତି। ଏହା ପ୍ରଧାନମନ୍ତ୍ରୀ ଜନଧନ ଲୁଟ ଯୋଜନା ବୋଲି କଂଗ୍ରେସ ପ୍ରବକ୍ତା ଶ୍ରୀ ସୁଦର୍ଶନ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। କରୋନା ସମୟରେ ଯେତେବେଳେ ଦେଶବାସୀ ଚରମ ହା ହୁତାଶ ଭିତରେ ଗତି କରୁଛନ୍ତି, ସେତେବେଳେ ଗତ ୨ ବର୍ଷରେ ବିଜେପି ସରକାର ପେଟ୍ରୋଲ ଦାମକୁ ୨୯ ଟଙ୍କା ଓ ଡିଜେଲ ଦାମକୁ ୨୭ ଟଙ୍କା ବୃଦ୍ଧି କରିଛନ୍ତି। ଏହା ବିଜେପି ସରକାରର ଦେଶବାସୀଙ୍କ ପ୍ରତି କ୍ରୁର ଉପହାସ ବୋଲି ଶ୍ରୀ ଦାସ କହିଛନ୍ତି। କଂଗ୍ରେସ ସମୟରେ କାହିଁକି ପେଟ୍ରୋଲ ଡିଜେଲ ଦର କମ ରହୁଥିଲା ? କଂଗ୍ରେସ ସରକାର ସମୟରେ ୨୦୧୧-୧୨ ଠାରୁ ୨୦୧୩-୧୪ ସମୟ ଭିତରେ ପେଟ୍ରୋଲ ଓ ଡିଜେଲ ଉପରେ ୧.୫୦ ଲକ୍ଷ କୋଟି ଟଙ୍କା ସବସିଡି ଦଆଯାଉଥିଲା। ଫଳରେ ସମାଜର ଗରିବ, ନିମ୍ନ ମଧ୍ୟବିତ ଓ ମଧ୍ୟବିତ ଶ୍ରେଣୀ କମ ଦରରେ ପେଟ୍ରୋଲ, ଡିଜେଲ ଓ ଗ୍ୟାସ ପାଇ ପାରୁଥିଲେ। ଏହି ସବସିଡିର ପରିମାଣ ୨୦୧୧-୧୨ ରେ ୧.୪୨ ଲକ୍ଷ କୋଟି ୨୦୧୨-୧୩ ରେ ୧.୬୪ ଲକ୍ଷ କୋଟି ଓ ୧୩.୧୪ ରେ ୧.୪୨ କୋଟି ଟଙ୍କା ଥିଲା। ମାତ୍ର ବର୍ତମାନର ବିଜେପି ସରକାର ସମୟରେ ଏହି ସବସିଡି ପରିମାଣ ୨୦୧୬-୧୭ ରେ ୨୭ ହଜାର କୋଟି, ୨୦୧୭-୧୮ ରେ ୨୮ ହଜାର କୋଟି। ୨୦୧୮-୧୯ ରେ ୪୩ ହଜାର କୋଟି, ୨୦୧୯-୨୦ ରେ ୨୬ ହଜାର କୋଟି ଓ ୨୦-୨୧ ରେ ମାତ ୧୧ ହଜାର କୋଟିରେ ସୀମାବଦ୍ଧ ହୋଇଯାଇଛି। ଫଳରେ ପେଟ୍ରୋଲ ଡିଜେଲର ଦାମ ଏହି ପରି ଆକାଶଛୁଆଁ ହୋଇଛି। ରନ୍ଧନ ଗ୍ୟାସର ମୂଲ୍ୟ ୨୦୧୪ ରେ କଂଗ୍ରେସ ସରକାର ସମୟରେ ୪୧୦ ଟଙ୍କା ଥିଲା। ଏବେ ୯୭୬ ଟଙ୍କା ବା ୧୦୦୦ ଟଙ୍କାରେ ପଂହଚିଲାଣି। ୨୦୧୪ ତୁଳନାରେ ଏହା ୫୩୯.୫୦ ଟଙ୍କା ବୃଦ୍ଧି ପାଇଛି। ୨୦୧୨-୧୩ ରେ ଅଶୋଧିତ ଗ୍ୟାସର ଦାମ ପ୍ରତି ମେଟ୍ରିକ୍ ଟନ ପିଛା ଥିଲା ୮୮୫ ଡଲାର। ୨୦୧୪ ଏହା ଥିଲା ୮୮୦ ଡଲାର। ମାତ୍ର ୨୦୨୨ ରେ ଏହାର ଦାମ କମି ପ୍ରତି ମେଟ୍ରିକ୍‌ଟନ ପିଛା ୭୬୯ ଡଲାରରେ ପଂହଚିଛି। ମାତ୍ର ଯେତେବେଳ ୪୧୦ ଟଙ୍କାରେ ମିଳୁଥିବା ସିଲିଣ୍ଡର ଗ୍ୟାସ ଏବେ ୧୦୦୦ ଟଙ୍କା ରେ ପହଂଚିଛି। କେନ୍ଦ୍ର ବିଜେପି ସରକାର ପେଟ୍ରୋଲ ଓ ଡିଜେଲ ଉପରେ ସବସିଡି ବଢ଼ାଇବା ସହିତ ଟ୍ୟାକ୍ସ କମାଇବା ପାଇଁ କଂଗ୍ରେସ ଦୃଢ଼ ଦାବୀ କରୁଛି। ରାଜ୍ୟ ସରକାର ମଧ୍ୟ ପେଟ୍ରୋଲ ଡିଜେଲ ଉପରେ ତାଙ୍କା ଭାଟ କମାଇବାକୁ ମଧ୍ୟ କଂଗ୍ରେସ ପ୍ରସ୍ତାବ ଦେଉଛି। ତାହା ନହେଲେ ସାଧାରଣ ଜନତା କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କ୍ଷମା ଦେବେ ନାହିଁ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି। ସଂପ୍ରତି ଦରଦାମ ବୃଦ୍ଧି ମାଧ୍ୟମରେ ପ୍ରଧାନମନ୍ତ୍ରୀ ଜନଧନ ଲୁଟରେ ଆଜି ସମଗ୍ର ଦେଶବାସୀ ଏକ ଘୋର ଆତଙ୍କ ଭିତରକୁ ଠେଲି ହୋଇଯାଇଛନ୍ତି। ଏଥିରୁ ଦେଶବାସୀଙ୍କୁ ମୁକ୍ତି ଦେବାପାଇଁ କଂଗ୍ରେସ ଦେଶତମାମ 'ମହଙ୍ଗାଇ ମୁକ୍ତ ଭାରତ' ଅଭିଯାନର ଡାକରା ଦେଇଛି।

# କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକର ସମସ୍ୟାକୁ ଲୋକସଭା ଓ ବିଧାନସଭାରେ ଉପସ୍ଥାପିତ କରାଯିବ

ଭୁବନେଶ୍ୱର (ପିଏନ୍) : ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରକାଶ ପାଇ ଆସୁଥିବା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ଯେଉଁଭଳି ଆର୍ଥିକ ଅନାଟନର ସମ୍ମୁଖୀନ ହେଉଛନ୍ତି ସେ ସମ୍ପର୍କରେ ଲୋକସଭା ଓ ବିଧାନସଭାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲାକା ଓ ଜୟପୁରର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି ପ୍ରକାଶ କରିଛନ୍ତି। ଅପ୍ରେଲ ୧୬ ରୁ ୧୮ ତାରିଖ ତିନିଦିନ ଧରି ଜୟପୁରସ୍ଥିତ ସ୍ୱାମୀନାଥନ କୃଷି ଗବେଷଣା କେନ୍ଦ୍ର ପରିସରରେ ଆୟୋଜିତ ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘ (ଏଏସଏମଏନଆଇ)ର ୨୧ତମ ସର୍ବଭାରତୀୟ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ପ୍ରଦାନ କରିଥିଲେ। ଭାଷା, ସାହିତ୍ୟ, ସଂସ୍କୃତି ଋଦ୍ଧିମନ୍ତ କରିବା ସହିତ ବିଶେଷକରି ଅବହେଳିତ ଅଞ୍ଚଳର ସମସ୍ୟାଗୁଡ଼ିକୁ ଲୋକଲୋଚନକୁ ଆଣିବା ଦିଗରେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର କେବଳ ବୃହତ ସମ୍ବାଦପତ୍ରଗୁଡ଼ିକୁ ବିଜ୍ଞାପନ ପ୍ରଦାନ କରୁଥିବା ବେଳେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ଲଗାତର ଅବହେଳାର ଶିକାର ହୋଇଆସୁଛନ୍ତି। କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସମ୍ପାଦକମାନଙ୍କୁ ସାମ୍ବାଦିକମାନଙ୍କ ଭଳି ଦିଆଯାଉଥିବା ସୁବିଧା ସୁଯୋଗ ଯଥା ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ନ କରିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ଅତିଥିମାନେ କହିଥିଲେ। କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରତ କୁମାର ପଲିତା ଉଦବୋଧନ ଦେଇ ଗଣମାଧ୍ୟମର ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ସ୍ୱାମୀନାଥନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡ଼ା ଯୋଗ ଦେଇଥିଲେ। ବର୍ତ୍ତମାନ ନ୍ୟୁଜ୍ ପ୍ରିଣ୍ଟର ମୂଲ୍ୟବୃଦ୍ଧି ଯୋଗୁଁ ବକ୍ତାମାନେ ଉଦବେଗ ପ୍ରକାଶ କରି ଏ ଦିଗରେ କେନ୍ଦ୍ର ସରକାର ସମସ୍ତ ରିହାତି ଯୋଗାଇବା ଉଚିତ ହେବ ବୋଲି କହିଥିଲେ। କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର ବିଜ୍ଞାପନ ନୀତି ପ୍ରଣୟନ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଉପରେ ଋପା ସୃଷ୍ଟି, ସମାଜରୁ ଦୁର୍ନୀତି ଓ ଭ୍ରଷ୍ଟାଋର ଦୂର କରିବା ପାଇଁ ବୃହତ ସମ୍ବାଦପତ୍ରମାନେ ବିଫଳ ହେଉଥିବା ବେଳେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରମାନେ ହିଁ ଲୋକଲୋଚନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି। ଅନ୍ୟାନ୍ୟ ରାଜ୍ୟ ଭଳି ଓଡ଼ିଶାରୁ ପ୍ରକାଶ ପାଉଥିବା ସମ୍ବାଦପତ୍ରଗୁଡ଼ିକୁ ଅନୁମୋଦନ କରିବା ପାଇଁ ଦୁଇ ହଜାର ପ୍ରସାରକୁ ସ୍ୱୀକୃତି ପ୍ରଦାନ କରିବା, ସରକାରଙ୍କ ବିଭିନ୍ନ ଯୋଜନା ପାଇଁ ଦିଆଯାଉଥିବା ବିଜ୍ଞାପନକୁ ଜିଲାସ୍ତରୀୟ ସମ୍ବାଦପତ୍ର ଗୁଡ଼ିକୁ ପ୍ରଦାନ କରିବା, ସରକାରୀ ସ୍ୱୀକୃତି ଅନୁମୋଦନ ପାଇଁ ଅପେକ୍ଷା କରିଥିବା ସମ୍ବାଦପତ୍ରଗୁଡ଼ିକ ପ୍ରତି କୋହଳ ମନୋଭାବ ପୋଷଣ କରି ସ୍ୱୀକୃତି ପ୍ରଦାନ କରିବା ଭଳି ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ଉଭୟେ ଶ୍ରୀ ଉଲାକା ଓ ଶ୍ରୀ ବାହିନୀପତି ସଂଗଠନ ପକ୍ଷରୁ ପ୍ରସ୍ତାବ ମିଳିଲେ କାଯର୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ ହୋଇଥିଲା। ସମ୍ମିଳନୀରେ ରାଜ୍ୟ ସଂଗଠନର ସଭାପତି ରବି ରଥ, ମୁଖ୍ୟ ଉଦ୍ୟୋକ୍ତା ତଥା କେବିକେ ସମାଋର ସମ୍ପାଦକ ବିନୋଦ ମହାପାତ୍ର, କର୍ମକର୍ତ୍ତା ଭଜରାମ ମହାପାତ୍ର, ଜଗଦୀଶ ମିଶ୍ର, ବିରେନ୍ଦ୍ର କୁମାର ପାଣିଗ୍ରାହୀ, ସରୋଜ ରଞ୍ଜନ ପଟ୍ଟନାୟକ, ସବିତା ମିଶ୍ର, ବିଜୟ କୁମାର ମହାନ୍ତି, ବାବୁଲି ବେହେରା, ଚନ୍ଦ୍ରକାନ୍ତ ସୂତାର, ମଞ୍ଜୁ ରଥ, ରାଜେନ୍ଦ୍ର କୁମାର ଗୌଡ଼ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପକ୍ଷରୁ କୃତି ଛାତ୍ରୀ କଳ୍ପିତା ଜେନାଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା (ପିଏନ୍): ଗତ କିଛି ମାସ ତଳେ ଓଡିଶା ପ୍ରଶାସନିକ ସେବାରେ କୃତୀତ୍ୱ ହାସଲ କରିଥିଲେ ଧର୍ମଶାଳା ବ୍ଲକ କୁମାରୀ ଗ୍ରାମର ଛାତ୍ରୀ କଳ୍ପିତା ଜେନା। ସେ ପରୀକ୍ଷାରେ ୬୮ତମ ସ୍ଥାନ ଅଧିକାର କରି କୃତକାର୍ଯ୍ୟ ହୋଇଥିଲେ। ସୁଶ୍ରୀ କଳ୍ପିତା ଜେନା ଜାରକା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀ ହୋଇଥିବାରୁ ଶିକ୍ଷାନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନା କମିଟି ସଭାପତି କିଶୋର ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ନବଘନ ମହାଁ, ଗୋକର୍ଣ୍ଣିକା ସଂପାଦକ ରମାକାନ୍ତ ଜେନା,ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ଶତପଥୀ, ସଂପାଦକ ବୈକୁଣ୍ଠନାଥ ସାହୁ, କୋଷାଧ୍ୟକ୍ଷ ଅନିରୁଦ୍ଧ ରାଉତ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନାର ଉତରରେ କଳ୍ପିତା ଶିକ୍ଷାନୁଷ୍ଠାନର ସର୍ବାଙ୍ଗିନ ଉନ୍ନତି ପାଇଁ ସବୁ ଛାତ୍ରଛାତ୍ରୀ ଆଗେଇ ଆସିବାକୁ କହିଥିଲେ। ଶିକ୍ଷକ ନିର୍ମଳ ନାୟକ ଓ ଅକ୍ଷୟ ଶତପଥୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କବି ସଂଗ୍ରାମ ଜେନା ଓ କବିତା ଜେନାଙ୍କ ସମେତ ଶିକ୍ଷାକେନ୍ଦ୍ରର ଗୁରୁଜୀ, ଗୁରୁମା, ଶିକ୍ଷାକର୍ମୀ ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ, ବେସରକାରୀ ବିଦ୍ୟାଳୟ ଭାବେ ୨୦୨୦-୨୧ବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ଜିଲ୍ଲାପାଳଙ୍କ ଜରିଆରେ ପାଇଥିବାରୁ ଶିକ୍ଷକ ଓ ଅଭିଭାବକ ମହଲରେ ଆନନ୍ଦ ପ୍ରକାଶ ପାଇଛି।

# ରୋଟାରୀ କ୍ଲବ ପକ୍ଷରୁ ମଣ୍ଡୁଆ ଶ୍ମଶାନରେ ନଳକୂପ ଖୋଳାଗଲା

କେନ୍ଦୁଝର (ପିଏନ୍): କେନ୍ଦୁଝରର ରୋଟାରୀ କ୍ଲବ ପକ୍ଷରୁ ସଦର ବ୍ଲକ ହଳଦିଆଗୁଣା ସ୍ଥିତ ଏମଏସପି କାରଖାନାର ଆର୍ଥିକ ସହାୟତାରେ ମଣ୍ଡୁଆସ୍ଥିତ ଶ୍ମଶାନରେ ଏକ ନଳକୂପ ଖୋଳାଯାଇଛି। ଶେଷକୃତ୍ୟ ପାଇଁ ଶ୍ମଶାନକୁ ଆସୁଥିବା ଲୋକ ପାଣି ପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଏମ୍‌ଏସପିର ସିଏସଆର କାର୍ଯ୍ୟକ୍ରମରେ ୧ ଲକ୍ଷ ଟଙ୍କା ଖର୍ଚ୍ଚରେ ରୋଟାରୀ କ୍ଲବ କେନ୍ଦୁଝରର ଆନୁକୂଲ୍ୟରେ ନଳକୂପ ଖୋଳାଯାଇ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ସଭାପତି ରାଜେନ୍ଦ୍ର କୁମାର ପଲେଇ,ରୋଟାରୀଆନ ତଥା ଏମଏସପି କାରଖାନାର ସିଓଓ ଦେବବ୍ରତ ସ୍ୱାଇଁ,ସିନିୟର ଜିଏମ ସଞ୍ଜୟ କୁମାର ସାହୁ,ରୋଟାରିୟାନ ଅମୀୟ କୁମାର ବେହେରା,ରୋଟାରୀଆନ ଡାକ୍ତର ସଞ୍ଜୀବ କୁମାର ଓତା ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁଝର ଜିଲ୍ଲାରେ ରୋଟାରୀ କ୍ଲବ ଏବଂ ଏମଏସପିର ସେବାମୂଳକ କାର୍ଯ୍ୟକ୍ରମକୁ ପ୍ରଶଂସା କରାଯାଇଛି।

# ସଜନା ଶାଗ ତୋଳିବା ହେଲା କାଳ, ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚାଲିଗଲା ଜୀବନ

କେନ୍ଦୁଝର (ପିଏନ୍): ଶାଗ ତୋଳୁ ତୋଳୁ ବିଦ୍ୟୁତ୍ ତାର ଲାଗି ଚାଲିଗଲା ଯୁବକଙ୍କ ଜୀବନ। ମୃତ ଯୁବକ ଜଣକ ହେଲେ ଦାସ ଜୁଆଙ୍ଗ। ଏଭଳି ଅଭାବନୀୟ ଘଟଣା ଘଟିଛି କାଞ୍ଜିପାଣି ଥାନା ସମ୍ମୁଖରେ। କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଟୁଙ୍ଗୁରଡିହି ଗ୍ରାମର ଦାସ ଜୁଆଙ୍ଗ (୨୦) କାଞ୍ଜିପାଣି ଗାଁକୁ କୁଣିଆଁ ଆସିଥିଲେ। ସେ କାଞ୍ଜିପାଣି ଥାନା ନିକଟରେ ଥିବା ଏକ ସଜନା ଗଛକୁ ସଜନା ଶାଗ ତୋଳିବାକୁ ଗଛ ଉପରେ ଚଢିଥିଲେ। ତେବେ ଗଛ ଉପରେ ୩୩ କେଭି ବିଦ୍ୟୁତ୍ ତାର ଥିବା ସେ ଜାଣି ପାରିନଥିଲେ। ଶାଗ ତୋଳିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦାସ ଜୁଆଙ୍ଗଙ୍କ ମୃତ୍ୟୁ ପାଇଁ ବିଦ୍ୟୁତ୍ ବିଭାଗର ଦାୟିତ୍ୱହୀନତାକୁ ଦାୟୀ କରିଥିଲେ ସ୍ଥାନୀୟ ଲୋକ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାରରେ ଗଛ ଡାଳ ଲାଗିଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ ଡାଳ କାଟିନଥିବାରୁ ଏଭଳି ଅଭାବନୀୟ ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକ କହିଛନ୍ତି। ବିଦ୍ୟୁତ୍ ବିଭାଗର ଭୁଲ ପାଇଁ ଦାସ ଜୁଆଙ୍ଗଙ୍କ ଅକାଳରେ ଜୀବନ ଯାଇଛି। ତୁରନ୍ତ ତାଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବୀ ହୋଇଛି।

# ବ୍ୟବସାୟୀଙ୍କ ବିୟୋଗରେ ବଜାର ବନ୍ଦ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍ ଉତର ପ୍ରତାପ ପଞ୍ଚାୟତ ଚାନ୍ଦମୋହିନୀ ଗ୍ରାମର ବ୍ୟବସାୟୀ ପ୍ରକାଶ କୁମାର ନାୟକ(୨୮)ଙ୍କ ବିୟୋଗରେ ଶାନ୍ତିବଜାର ବନ୍ଦ ରହିଥିଲା । ସ୍ୱର୍ଗତଃ ନାୟକଙ୍କ ଶାନ୍ତିବଜାରରେ ଏକ ଲୁଗା ଦୋକାନ ଅଛି । ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଅକାଳ ମୃତ୍ୟୁ ଘଟିଥିଲା । ଏହି ଖବର ଜଣାପଡ଼ିବା ପରେ ଶାନ୍ତିବଜାର ବଣିକ ସଂଘ ପକ୍ଷରୁ ଏକ ଶୋକସଭା କରାଯାଇ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାଥନା କରାଯାଇଥିଲା ।

# ଓଏମ୍‌ସି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର

ଭଗାମୁଣ୍ଡା (ପିଏନ୍): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ବଳି ପର୍ବତ ଠାରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦୈତାରୀ ଓଏମ୍‌ସିର ଆଂଚଳିକ ଅଧିକାରୀ ଡା. ସୁବ୍ରତ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ଅଂଚଳର ୩୦୦ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଶ୍ରମ ମଙ୍ଗଳ ଅଧିକାରୀ ଦେବାଶିଷ ସାମଲ, ମାଇନ୍ସ ମ୍ୟାନେଜର ବିକାଶ ଚନ୍ଦ୍ର ପରିଡା, ସିଏସଆର ଅଧିକାରୀ ଚନ୍ଦନ କୁମାର ବାରିକ, ଡା. ସାଗରିକା ଭୂୟାଁ, ଡ. ବିଭୂ ପ୍ରସାଦ ଧଳ, ଡ. ଶିବାନୀ, ଫାର୍ମାସିଷ୍ଟ ରବିନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ହରିଚନ୍ଦନପୁର ବ୍ଲକରେ ବ୍ଲକ ସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ

ଭଗାମୁଣ୍ଡା (ପିଏନ୍): ହରିଚନ୍ଦନପୁର ବ୍ଲକ ପରିସରରେ ବ୍ଲକ ସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବିଡିଓ ପ୍ରଭୂ କଲ୍ୟାଣ ଦାସ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ସୁଶାଂ କୁମାର ବେହେରା ମେଳା ସଂଯୋଜନା କରିଥିଲେ । ବିଭିନ୍ନ ପଂଚାୟତରୁ ପ୍ରାୟ ୨୦୦ଜଣ ଯୁବକ ଯୁବତୀ ଏହି ନିଯୁକ୍ତି ମେଳାରେ ଯୋଗ ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦୬ଜଣ ପିଆଏସ୍‌ଓ ଚୁକ୍ତି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଭୁତିଲ ନାଏକ, ସୁନାପେଣ୍ଠ ପଂଚାୟତ ସମିତିସଭ୍ୟା ସୀତା ମୁଣ୍ଡା, ଭଅଁରପୁର ପଂଚାୟତ ସମିତିସଭ୍ୟା ପାଞ୍ଚାଲୀ ଦେହୁରୀ, ତପନ କୁମାର ପ୍ରଧାନ, ବସନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ସେବା ଓ ଭାଗବତ ଗାଦି ବଡ଼ଦାଣ୍ଡ ସେବାକାର୍ଯ୍ୟ



କଟକ (ପିଏନ୍): ଓଡ଼ିଶାରେ ଆଧ୍ୟାତ୍ମିକ ଭାବଧାରା ଓ ସେବା କାର୍ଯ୍ୟ ଅନେକଙ୍କ ପାଇଁ କଷ୍ଟକର ଓ ଦାୟିତ୍ୱବୋଧର ଆହ୍ୱାନ। କିନ୍ତୁ ଏହିପରି ଏକ ଘଟଣାକ୍ରମରେ ଆମେ ଦେଖିଛୁ ଜଣେ ସାଧାରଣ ବୃତ୍ତି କରୁଥିବା ତ୍ରିନାଥ ଓଝା ତାଙ୍କ ସୀମିତ ସମ୍ବଳ ଓ ବାପା ମାଆଙ୍କ ସ୍ମୃତିକୁ ନେଇ ସମାଜ ସେବା ପାଇଁ ବ୍ରତୀ ହୋଇଛନ୍ତି। ସେ ଜଣେ ପଇସାବାଲା ନୁହଁନ୍ତି ସେ କାହାରି ଠାରୁ କୌଣସି ପଇସାଟିଏ ବି ସାହାଯ୍ୟ ନନେଇ ତଥାକଥିତ କଟକ ସହର ବସ୍ତୀ ମୂଳକରେ ଆଦର୍ଶ ସେବା, ଡାକ୍ତରୀ ସେବା ଏବଂ ପ୍ରତି ପୂର୍ଣ୍ଣିମାରେ ଗରିବ ଲୋକମାନଙ୍କ ତାଙ୍କ ଆୟୋଜନରେ ଅନୁଷ୍ଠିତ ହେଉଛି କାର୍ଯ୍ୟକ୍ରମ ଏହା କମ ବଡ଼ କଥା ନୁହେଁ। ଏହା ସହ ପ୍ରତି ମାସରେ ସ୍ୱାସ୍ଥ୍ୟସେବା ଶିବିର, ପଥପ୍ରାନ୍ତ ସେବା, ବୃକ୍ଷ ରୋପଣ ଓ ଅଂଶୁଘାତ ପୂର୍ବରୁ ଜଳଦାନ ମଧ୍ୟ କରନ୍ତି ଯାହାକି ନିଜ ଉଦ୍ୟମରେ। କଟକ ଧବଳେଶ୍ୱର ଗଡ଼ା ବ୍ରଜବିହାରୀପୁରସ୍ଥିତ ଆଜିକି ପାଞ୍ଚବର୍ଷ ହେଲା ପ୍ରତ୍ୟେହ ଭାଗବତ ପାଠ ଓ ସହସ୍ରାଧିକ ଲୋକମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହେଉଛି। ସ୍ୱର୍ଗତଃ ନାରାୟଣ ଓଝା ଓ ଚମ୍ପା ଓଝାଙ୍କ ଆଦର୍ଶରେ ଅନୁପ୍ରାଣୀତ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ତ୍ରିନାଥ ଓଝାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବର୍ଷର ପ୍ରତି ପୂର୍ଣ୍ଣିମାରେ ଅସହାୟ, ବୁଢ଼ାବୁଢ଼ୀ ଓ ଛୋଟପିଲାଙ୍କ ପାଇଁ ମହାପ୍ରସାଦ ସେବନ ବ୍ୟବସ୍ଥା ଓ ଆଧ୍ୟାତ୍ମିକ ସେବାକାର୍ଯ୍ୟ ସମ୍ପାଦନ ହେଉଛି। ପ୍ରତିବର୍ଷ ଚାରଟି ପୂର୍ଣ୍ଣିମାରେ ଦୁଇହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଖାଦ୍ୟ ଓ ମାଗଣା ଔଷଧ ପତ୍ର ବଣ୍ଟନ ହୁଏ। କାର୍ଯ୍ୟକ୍ରମକୁ ସମ୍ପାଦକ ଗଜେନ୍ଦ୍ର ନାୟକ, ଲୋଚନ ବାରିକ, ଦୀପକ ବାରିକ, ଟୁଲିଆ ସ୍ୱାଇଁ, ମନୋଜ ସାହୁ, ସନ୍ତୋଷ ମିଶ୍ର, ହେମାରାଣୀ ଓଝା, ଆଲୋକ ଚରଣ ଓଝା, ସୌମ୍ୟରଞ୍ଜନ ପଟ୍ଟନାୟକ, ଶ୍ରୀଧର ରାଉଳ, ଶରତ କୁମାର ପଣ୍ଡା, ସାଗର କୁମାର ମହାରଣା ପ୍ରମୁଖ ପରିଚାଳନା କରିଥାନ୍ତି। ସରକାରଙ୍କ ବିନା ସହାୟତାରେ କିଛି ବଦାନ୍ୟ ବ୍ୟକ୍ତିତ୍ୱଙ୍କ ସହଯୋଗରେ ଏହା ଅନୁଷ୍ଠିତ ହୋଇଥାଏ। କାର୍ଯ୍ୟକ୍ରମ ପାଇଁ ଡାକ୍ତର ସମ୍ରାଟ କର, ଡାକ୍ତର ଶୁଭଶ୍ରୀ ମିଶ୍ର ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ସହଯୋଗ ରଖୁଥିଲାବେଳେ ପ୍ରତି ମାସରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବିନା ଆଲୋଚିତ ଅର୍ଥ ସଂଗ୍ରହ ବା ନାମ ପ୍ରଚାର ଦୂର ଠାରୁ ଏହି ଅନୁଷ୍ଠାନ ଜଣେ ନୀରବ ସାଧକ ଭାବେ ଯାହା କରୁଛନ୍ତି ତାହା ନିଶ୍ଚିନ୍ତ ଭାବେ ଅନୁପ୍ରଣୟ। ଭଗବାନ କରନ୍ତୁ ଆମେ ଏହିପରି ଅନୁଷ୍ଠାନରେ ସମୃଦ୍ଧ ହୋଇ ପରିଣତ ବୟସର ଓ ଛୋଟ ପିଲାଙ୍କ ପାଇଁ ଯେଉଁ ଦାୟିତ୍ୱ ନିଷ୍ଠା କରୁଛୁ ତାହା ସମ୍ଭାବିତ ହେଉ ଏହା ହିଁ କାମନା।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୨, ଏପ୍ରିଲ ୨୨**

# ପୈତୃକ ସମ୍ପତି ଉପରେ ଝିଅଙ୍କ ଅଧିକାର !



**ପୈ**ତୃକ ସମ୍ପତି ଉପରେ ଝିଅର ସମାନ ଅଧିକାର ରହିଛି ବୋଲି ନିକଟରେ ସୁପ୍ରିମକୋର୍ଟ ଦେଇଥିବା ଗୁରୁତ୍ୱପୂର୍ଣ୍ଣ ରାୟ କନ୍ୟା ସନ୍ତାନମାନଙ୍କ ପାଇଁ କେବଳ ସମ୍ପତି ଉପରେ ଅଧିକାର ସାବ୍ୟସ୍ତ ଆଣିଦେଇନାହିଁ, ମହିଳା ସଶକ୍ତିକରଣ କ୍ଷେତ୍ରରେ ଆଉ ଏକ ସୁଯୋଗ ଆଣିଦେଇଛି ବୋଲି କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ପୈତୃକ ସମ୍ପତି ଉପରେ ଭାଇମାନଙ୍କ ସହ ଭଉଣୀମାନଙ୍କର ସମାନ ଅଧିକାର ଦାବି ନେଇ ବିବାଦ ବଢିବାରେ ଲାଗିଛି। ସମ୍ପତିକୁ ନେଇ ଭାଇ ଭଉଣୀ ମଧ୍ୟରେ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡିଛି। ଏପରିକି ତଳକୋର୍ଟଠାରୁ ଆରମ୍ଭ କରି ସର୍ବୋଚ୍ଚ ଅଦାଲତ ପର୍ଯ୍ୟନ୍ତ ବହୁ ସଂଖ୍ୟାରେ ବିବାଦ ବିଚାରାଧୀନ ରହିଛି। ବିଶେଷ କରି ଗ୍ରାମାଚଂଳ ତୁଳନାରେ ସହରାଚଂଳ ଏବଂ ସହର ତଳି ଅଂଚଳରେ ଜମିବାଡିକୁ ନେଇ ଘରେ ଘରେ ମାମଲା କୋର୍ଟରେ ପହଁଚିଛି। ସହର ତଳି ଅଂଚଳରେ ଏବେ ନୂଆ ନୂଆ ଜନବସତି ଗଢି ଉଠିଥିବାରୁ ଧାନଜମିର ମୂଲ୍ୟ ହୁ ହୁ ହୋଇ ବଢିଚାଲିଛି। ଏକ ଅନୁଧ୍ୟାନରୁ ଜଣାପଡିଛି ଯେ, ୨୦ବର୍ଷ ତଳେ ଥିବା ଜମିର ମୂଲ୍ୟ ଏବେ ୨୦ ରୁ ୨୫ଗୁଣ ବଢିଛି। ଧାନ ଜମିର କ୍ରମାଗତ ମୂଲ୍ୟ ବୃଦ୍ଧି



ଏବେ ଭାଇଭଉଣୀଙ୍କ ମଧ୍ୟରେ ସମ୍ପତି ପାଇଁ ବିବାଦର ମୂଳକାରଣ ହୋଇଛି। ଏହି ଅନୁଧ୍ୟାନରୁ ଆହୁରି ଜଣାପଡିଛି ଯେ, ସହରତଳି ଅଂଚଳରେ ଥିବା ଗ୍ରାମଗୁଡିକରେ ଏପରି ପରିବାର ନାହିଁ, ଯେଉଁ ପରିବାରରେ ପୈତୃକ ସମ୍ପତି (ଜମିବାଡିକୁ) ନେଇ ମାମଲା ନାହିଁ। ଏହା ସତ୍ୟ ଯେ ଉତାଧିକାରୀ ସୂତ୍ରରେ ପୈତୃକ ସମ୍ପତିକୁ ନେଇ ବିବାଦ କେବଳ ଆମ ରାଜ୍ୟରେ ସୀମିତ ନୁହେଁ। ଦେଶର ସମସ୍ତ ରାଜ୍ୟରେ ବିବାଦ ଦେଖାଦେଇଥିବା ବେଳେ ଉତର ଭାରତୀୟ ରାଜ୍ୟଗୁଡିକରେ ଏଭଳି ବିବାଦ ଅଧିକ ମାତ୍ରାରେ ରହିଥିବା ଜଣାଯାଏ। ବିଶେଷ କରି ପଞ୍ଜାବ, ହରିଆନା, ଉତରପ୍ରଦେଶ, ଦିଲ୍ଲୀରେ ଏଭଳି ବିବାଦ ଅଧିକ। ହିନ୍ଦୁ ଉତରାଧିକାରୀ ଆଇନ ୧୯୫୬ ଜରିଆରେ ମହିଳାଙ୍କୁ ଦିଆଯାଇଥିବା



ପ୍ରଗତିଶୀଳ ଅଧିକାରକୁ ପ୍ରତ୍ୟାହାର କରିନେବା ପାଇଁ ହରିଆନା ସରକାର ଦୁଇଥର ଉଦ୍ୟମ କରିଥିଲେ। ଉତରପ୍ରଦେଶର ପ୍ରଣୀତ ଆଇନ ଅନୁଯାୟୀ ବିବାହିତା ମହିଳାମାନେ ପୈତୃକ ସମ୍ପତିର ପ୍ରାଥମିକ ଉତରାଧିକାରୀ ନୁହଁନ୍ତି। ପୈତୃକ ସମ୍ପତି ଉପରେ ଝିଅଙ୍କ ଅଧିକାର ନେଇ ସର୍ବୋଚ୍ଚ ଅଦାଲତଙ୍କର ଏହି ରାୟ ପ୍ରଥମ ନୁହେଁ, ଅତୀତରେ ଅଦାଲତ ବହୁ ରାୟ ଦେଇଛନ୍ତି। ୨୦୦୫ ପୂର୍ବରୁ ପିତାଙ୍କ ମୃତ୍ୟୁ ଘଟିଥିବା ପରିବାରରେ କନ୍ୟା ସନ୍ତାନ ବା ଝିଅଙ୍କର ପୈତୃକ ସମ୍ପତି ଉପରେ କୌଣସି ଅଧିକାର ନଥିବା ଅଦାଲତ ରାୟ ଦେଇଥିବାବେଳେ ସେହି ରାୟ ମଧ୍ୟ ସର୍ବୋଚ୍ଚ ଅଦାଲତ ଅନ୍ୟ ଏକ ରାୟରେ ଅକାମୀ କରିଦେଇଛନ୍ତି। ଏବେ ସ୍ୱ-ଅର୍ଜିତ ଓ ପୈତୃକ ସମ୍ପତିର ଉତରାଧିକାରୀ ଝିଅ ହୋଇପାରିବ ବୋଲି ସୁପ୍ରିମକୋର୍ଟର ବିଚାରପତି ଏସ. ଅବଦୁଲ, ନଜୀର ଓ କୃଷ୍ଣା ମୁରାରୀଙ୍କୁ ନେଇ ଖଣ୍ଡପୀଠ ରାୟ ଦେଇଛନ୍ତି। ବାପାଙ୍କର ଅନ୍ୟ କେହି ଉତରାଧିକାରୀ ନଥିଲେ, ପୈତୃକ ସମ୍ପତି ଉପରେ ଝିଅର ଜନ୍ମଗତ ଅଧିକାର ରହିଥିବା ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ପୁରୁଷକୈନ୍ଦ୍ରିକ ଭାରତରେ ଝିଅ ବିବାହ ପରେ ପୈତୃକ ସମ୍ପତିରୁ ବଂଚିତ ହୋଇଆସିଛି। ଏ ନେଇ ସର୍ବୋଚ୍ଚ ଅଦାଲତ ବହୁବାର ତାଙ୍କ ରାୟ ଦେଇଥିବା ସତ୍ତ୍ୱେ କେନ୍ଦ୍ର ସରକାର ଏ ନେଇ କୌଣସି ଆଇନ ପ୍ରଣୟନ କରିନାହାଁନ୍ତି। ପରିଣତିସ୍ୱରୂପ ସମ୍ପତିଗତ ଅଧିକାର ନେଇ ଭାଇ-ଭଉଣୀଙ୍କ ମଧ୍ୟରେ ବିବାଦ ବଢି ଚାଲିଛି। ଗୋଟିଏ ପକ୍ଷରେ ଦେଶରେ ମହିଳା ସଶକ୍ତିକରଣ ପାଇଁ ବହୁବିଧ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ସମ୍ପତିଗତ ଅଧିକାର ଏବେ ଏକ ଅସମାପ୍ତ ପ୍ରକଳ୍ପରେ ପରିଣତ ହୋଇଛି ବୋଲି କୁହାଯାଇପାରେ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା)**, **ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯**

## ଆଜିର ଅନୁଚିନ୍ତା

*ନିରାଶାବାଦୀ ନହୋଇ ସର୍ବଦା ଆଶାବାଦୀ ହେଲେ ପ୍ରକୃତ ଶାନ୍ତି ମିଳେ ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

*—ଅନନ୍ୟ ଜନନାୟକ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ...—*

# ଅବିସ୍ମରଣୀୟ ଜନନାୟକ ଜାନକୀବଲ୍ଲଭ

**ହିମାଂଶୁଶେଖର ଆଚାର୍ଯ୍ୟ**



**ଓ**ଡିଶାର ଯେଉଁ କେତେଜଣ ଯୋଗଜନ୍ମା ଜନନାୟକ ଜନମାନସରେ ତାଙ୍କର ପ୍ରତିଛବି ଆଙ୍କି ଯାଇଛନ୍ତି, ସେମାନଙ୍କ ମଧ୍ୟରେ ଜାନକୀବଲ୍ଲଭ ପଟ୍ଟନାୟକ ହେଉଛନ୍ତି ଅନ୍ୟତମ । ସ୍ୱାଧୀନତା ପୂର୍ବରୁ ଜଣେ ସାଧାରଣ ଶିକ୍ଷକ ପରିବାରରେ ଜନ୍ମଗ୍ରହଣ କରି ସେ ଯେଉଁ ସଫଳତା ହାସଲ କରିଛନ୍ତି ତାହା ଅବର୍ଣ୍ଣନୀୟ । କେବଳ ରାଜନୀତି ନୁହେଁ, ସାମ୍ବାଦିକତାରୁ ସାହିତ୍ୟ ଯାଏ ସବୁଠି ସେ ଛାଡିଯାଇଛନ୍ତି ନିଜର ସ୍ୱତନ୍ତ୍ର ପରିଚୟ। ମଣିଷ ଭାବରେ ସେ ଥିଲେ ଜ୍ଞାନୀ, ଗୁଣଗ୍ରାହୀ, ସହନଶୀଳ ଓ ସ୍ଥିତପ୍ରଜ୍ଞ, ନେତା ଭାବରେ ଥିଲେ ପ୍ରଚଣ୍ଡ ଦୃଢମନା ଓ ଲୋକପ୍ରିୟ ଜନନାୟକ, ସାହିତ୍ୟିକ ଭାବରେ ସେ ଥିଲେ ନିରଳସ ସାହିତ୍ୟ ସାଧକ, ବାଗ୍ମୀ, ପ୍ରବୀଣ କବି ଓ ଲେଖକ। ଆଜି ହେଉଛି ସେହି ପ୍ରଜ୍ଞାପୁରୁଷଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ। ଏହି ଅବସରରେ ତାଙ୍କର ସ୍ମୃତିଚାରଣ କରିବା ଏହି କ୍ଷୁଦ୍ର ଆଲେଖ୍ୟର ଉଦ୍ଦେଶ୍ୟ ।

ଏକାଧାରରେ ଜଣେ ଅନନ୍ୟ ଜନନାୟକ, ସୁସାହିତ୍ୟିକ, ସୁଦକ୍ଷ ସମ୍ପାଦକ, ଧୁରୀଣ ରାଜନୀତିଜ୍ଞ ଓ ସର୍ବୋପରି ଜଣେ ସଂସ୍କୃତ ବିଦ୍ୱାନ ଥିଲେ ଜାନକୀବଲ୍ଲଭ ପଟ୍ଟନାୟକ । ତାଙ୍କ ରାଜନୈତିକ ଜୀବନରେ ବିଶେଷତ୍ୱ ହେଲା ସେ ବିଜୟରେ ଆତ୍ମବିଭୋର ହୋଇନାହାଁନ୍ତି କି ପରାଜୟରେ ଭାଙ୍ଗି ପଡିନାହାନ୍ତି। ନିଜର କର୍ତ୍ତବ୍ୟ ନିଷ୍ଠା,ଅସମ୍ଭବ ସହିଷ୍ଣୁତା ଓ ଅସୀମ ଧୈର୍ଯ୍ୟ ଶକ୍ତି ଯୋଗୁଁ ସେ ଜଣେ ଅବିସ୍ମରଣୀୟ ଜନନାୟକ ହୋଇଯାଇଛନ୍ତି । କିନ୍ତୁ ଥରେ ସେ ଯେଉଁ କଥା ଚିନ୍ତା କରୁଥିଲେ ତାକୁ ପୂରଣ କରିବା ପର୍ଯ୍ୟନ୍ତ ନିଷ୍ଠାପର ଉଦ୍ୟମ କରୁଥିଲେ। କର୍ଣ୍ଣଙ୍କର ସେହି କାଳଜୟୀ ଉକ୍ତି – "ଦୈବାୟତ କୁଳେ ଜନ୍ମ ମଦାୟତଂ ଚ ପୌରୁଷମ୍"– (ଅର୍ଥାତ ଉଚ୍ଚକୁଳରେ ଜାତ ହେବା ଦୈବର ଅଧୀନ, ପୁରୁଷାକାର ମୋର ଅଧୀନ) ଏହି କଥାକୁ ଅକ୍ଷରେ ଅକ୍ଷରେ ପ୍ରତିଫଳିତ କରିଥିଲେ ସେ ନିଜ ଜୀବନରେ। ଦୃଢ ଇଚ୍ଛାଶକ୍ତି, କଠିନ ପରିଶ୍ରମ ଓ ଶୃଙ୍ଖଳା ଥିଲା ତାଙ୍କ ଜୀବନର ମୂଳମନ୍ତ୍ର । ନିଜର ବିଚକ୍ଷଣତା ଯୋଗୁଁ ସେ ତିନି ତିନି ଥର ମୁଖ୍ୟମନ୍ତ୍ରୀ,କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟପାଳ ପରି ପଦ ମଣ୍ଡନ କରିବାରେ ସମର୍ଥ ହୋଇଥିଲେ। ପ୍ରକୃତରେ କହିବାକୁ ଗଲେ ରାଜ୍ୟପାଳ, କେନ୍ଦ୍ରମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ହେବାରେ ଡକ୍ଟର ମହତାବଙ୍କ ପରେ ସେ ଦ୍ୱିତୀୟ ଓଡିଆ ।

ରାଜନୀତି କ୍ଷେତ୍ରରେ ଜାନକୀବଲ୍ଲଭ ପଟ୍ଟନାୟକ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ୧୯୭୧ରୁ ୨୦୧୩ ମସିହା ପର୍ଯ୍ୟନ୍ତ ପ୍ରାୟ ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସେ ଓଡିଶା ତଥା ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ । ୧୯୭୧ ମସିହାରେ ସେ କଟକ ଲୋକସଭା ଆସନରୁ ବିଜୟୀ ହୋଇ କେନ୍ଦ୍ର ସରକାରରେ ପ୍ରତିରକ୍ଷା ଉପମନ୍ତ୍ରୀ ଓ ପରେ ରାଷ୍ଟ୍ରମନ୍ତ୍ରୀ ଏବଂ ୧୯୮୦ ମସିହାରେ ପୁନର୍ବାର କଟକ ଲୋକସଭା ଆସନରୁ ବିଜୟ ଲାଭ କରି କେନ୍ଦ୍ରରେ ପର୍ଯ୍ୟଟନ, ବେସାମରିକ ବିମାନ ଚଳାଚଳ ଓ ଶ୍ରମମନ୍ତ୍ରୀ ରୂପେ କାର୍ଯ୍ୟକରି ନିଜ ଦକ୍ଷତାର ପ୍ରମାଣ ଦେଇଥିଲେ। ଏଥିସହିତ ୧୯୮୦ ଆଠଗଡ ଉପନିର୍ବାଚନ, ୧୯୮୫, ୧୯୯୦, ୧୯୯୫, ୨୦୦୦ ଓ ୨୦୦୪ରେ ଓଡିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହି ସମୟ ଭିତରେ ସେ ୧୯୮୦-୮୫, ୧୯୮୫-୯୦ ଓ ୧୯୯୫-୧୯୯୯ ତିନିଥର ମୁଖ୍ୟମନ୍ତ୍ରୀ ହୋଇ ରେକର୍ଡ କରିଥିଲେ। ଉଲ୍ଲେଖଯୋଗ୍ୟ ଜାନକୀବଲ୍ଲଭ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ଶାସନ ଗ୍ରହଣ କରିବା ପୂର୍ବରୁ ଦାୟିତ୍ୱରେ ଥିବା ଆଠଜଣ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ କେହି ଜଣେହେଲେ ନିର୍ଦ୍ଧାରିତ ପାଞ୍ଚବର୍ଷ କାର୍ଯ୍ୟକାଳ ପୂରଣ କରିପାରି ନ ଥିଲେ। ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ଆସାମର ରାଜ୍ୟପାଳ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ୧୯୭୮ରୁ ୨୦୦୪ ମଧ୍ୟରେ ଚାରିଥର ପିସିସି ସଭାପତି ରୂପେ ରହିବା ଓ ଏଆଇସିସି କାର୍ଯ୍ୟକାରୀ କମିଟିରେ ବହୁବାର ସ୍ଥାନ ପାଇବା ତାଙ୍କ ସାଂଗଠନିକ ଦକ୍ଷତାର ଗୋଟିଏ ଗୋଟିଏ ଅମଳିନ ଛାପ ।

କେବଳ ରାଜନୀତି ନୁହେଁ, ଜାନକୀବାବୁଙ୍କର ସାହିତ୍ୟ କ୍ଷେତ୍ରରେ ମଧ୍ୟ ଗଭୀର ପ୍ରବେଶ ଓ ଅନୁରାଗ ଥିଲା । ଏଥିସହିତ ଜଣେ ସଂସ୍କୃତ ବିଦ୍ୱାନ ହିସାବରେ ସେ ରାଜ୍ୟରେ ଓ ରାଜ୍ୟ ବାହାରେ ବହୁ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କର ପ୍ରଥମ ଲେଖା "ଅଶୋକ" ସ୍କୁଲ ପତ୍ରିକା ଅବକାଶରେ ପ୍ରକାଶ ପାଇବାପରେ ସେ ଆଉ ପଛକୁ ଫେରି ଚାହିଁନଥିଲେ। ତାଙ୍କ ସୃଜନଶୀଳତାର ଚଉହଦୀ ସିନ୍ଧୁ ଉପତ୍ୟକା କବିତା ସଂକଳନଠାରୁ ଆରମ୍ଭ କରି ସ୍ୱପ୍ନ ସଂକଳ୍ପ, ଭର୍ତ୍ତୃହରିଙ୍କ ଶତକ ସଂସ୍କୃତ ଗ୍ରନ୍ଥର ଅନୁବାଦ, ରାମାୟଣ, ମହାଭାରତ, ଶ୍ରୀମଦ୍ ଭାଗବତ ଗୀତାର ଗଦ୍ୟ ଅନୁବାଦ, ଗୌତମ ବୁଦ୍ଧ ଏପରିକି ବାଚସ୍ପତି ମହୋଦୟଙ୍କ ଭାଷଣ ସଂକଳନ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା। ସାହିତ୍ୟର ବିଭିନ୍ନ ବିଭାଗରେ କୃତିତ୍ୱ ପାଇଁ ଜାନକୀବଲ୍ଲଭଙ୍କୁ ମିଳିଥିଲା ଓଡିଶା ସାହିତ୍ୟ ଏକାଡେମୀ, କେନ୍ଦ୍ର ସାହିତ୍ୟ ଏକାଡେମୀ, ଉତ୍କଳ ଭାରତୀ ସମ୍ମାନ, ପ୍ରଜ୍ଞାନ ବାଚସ୍ପତି ଉପାଧି ଓ ଗୌରୀଶଙ୍କର ସ୍ମୃତିଚକ୍ର ସମ୍ମାନ । ଏଥିସହିତ ଓଡିଶା



ସାହିତ୍ୟ ଏକାଡେମୀର ସଭାପତି ଭାବେ କାର୍ଯ୍ୟକରି ଓଡିଆ ଭାଷା ସାହିତ୍ୟର ବିକାଶ ପାଇଁ ସେ ଅନେକ କାର୍ଯ୍ୟ କରିଥିଲେ। ଖାଲି ସେତିକି ନୁହେଁ ଓଡିଆ ଭାଷା ସାହିତ୍ୟପାଇଁ ଜାନକୀବାବୁଙ୍କ ଅବଦାନ ଅତୁଳନୀୟ । ୧୯୮୫ ମସିହାରେ ଓଡିଆ ଭାଷାକୁ ଶାସନର ଭାଷା କରି ଏକ ନୂତନ ଦିଶା ଦେଇଥିଲେ ।

ଜାନକୀବଲ୍ଲଭ ଜଣେ ଲୋକପ୍ରିୟ ପ୍ରଶାସକ ଥିଲେ । ପ୍ରଶାସନକୁ ଲୋକାଭିମୁଖୀ କରାଇବା ଓ କର୍ମଚାରୀଙ୍କଠାରୁ ଉପଯୁକ୍ତ କାମ ଆଦାୟ କରିବା କୌଶଳ ତାଙ୍କୁ ବେଶ ମାଲୁମ୍ ଥିଲା। ଚଉଦବର୍ଷ କାଳ ସେ ମୁଖ୍ୟମନ୍ତ୍ରୀ ଥିବାବେଳେ ଓଡିଶାର ଶିଳ୍ପ ବିକାଶ ସହିତ ଭିତ୍ତିଭୂମିର ବିକାଶ, ରେଳପଥ, ବନ୍ଦର, ସଡକ ଆଦି ପ୍ରଯୁକ୍ତି ଓ ଶିକ୍ଷାର ପ୍ରସାର ଓ ବିବିଧ ଜନହିତକର କାର୍ଯ୍ୟ କରିଥିଲେ। ଓଡିଶାର ଦ୍ରୁତ ଶିଳ୍ପାୟନ ଓ ନବନିର୍ମାଣରେ ସେ ଥିଲେ ଅନ୍ୟତମ କର୍ଣ୍ଣଧାର। ହଜାର ଦିନରେ ହଜାରେ ଶିଳ୍ପ ହେଉ ଅଥବା ଯୋଗାଯୋଗ ଓ ଗମନାଗମନର ଉନ୍ନତି ବା ନୂତନ ଜନହିତକର କାର୍ଯ୍ୟକ୍ରମ ସବୁଠି ବିକାଶର ମୂଳଦୁଆ ପଡିଥିଲା। ରାଜ୍ୟର ସାମଗ୍ରିକ ବିକାଶ କ୍ଷେତ୍ରରେ ତାଙ୍କର ଭୂମିକା ଅନସ୍ୱୀକାର୍ଯ୍ୟ। ବିଶେଷକରି ଓଡିଶାରେ ଶିକ୍ଷା ବ୍ୟବସ୍ଥାର ସେ ଥିଲେ ସଂସ୍କାରକ । ୧୯୮୫ ମସିହାରେ ୫୫ ପ୍ରତିଶତରୁ କମ୍ ନମ୍ବର ରଖିଥିବା ଅଧ୍ୟାପକଙ୍କ ଚାକିରିକୁ ନିୟମିତ କରିବା, ୧୯୮୯ରେ ଅଧ୍ୟାପକଙ୍କୁ ୟୁ.ଜି.ସି. ପ୍ରଦାନ, ପ୍ରାଥମିକ ଓ ୟୁ.ଜି.ଏମ୍.ଇ. ସ୍କୁଲ ସରକାରୀକରଣ, ୧୯୯୪ରେ ନୂତନ ଭାବେ ସରକାରୀ ହୋଇଥିବା ୩୦୧୨ ଉଚ୍ଚ ବିଦ୍ୟାଳୟ ପାଇଁ ବଜେଟ୍‌ର ଅର୍ଥ ବ୍ୟବସ୍ଥା, ୧୯୯୬ରେ ୬୧୦ ଉଚ୍ଚ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ୧୧୦ ବାଳିକା ବିଦ୍ୟାଳୟକୁ ସ୍ୱୀକୃତି, ୧୯୯୮ରେ ୧୩୦୦ ଅଧ୍ୟାପକଙ୍କ ଚାକିରି ବୈଧୀକରଣ କରି ଶିକ୍ଷକ ଓ ଅଧ୍ୟାପକମାନଙ୍କ ପାଇଁ ବହୁ ବଳିଷ୍ଠ ପଦକ୍ଷେପ ନେଇଥିଲେ। ଏଥିପାଇଁ ଶିକ୍ଷକ ସମାଜ ତାଙ୍କ ପାଖରେ ସବୁଦିନ ପାଇଁ ଋଣୀ ହୋଇ ରହିବ ।

ବାଲ୍ୟକାଳରୁ ଜାନକୀବଲ୍ଲଭ ପଟ୍ଟନାୟକଙ୍କର ସାମ୍ବାଦିକ ହେବାର ଅଭିଳାଷ ଥିଲା। ଏଣୁ ଉଚ୍ଚଶିକ୍ଷା ଲାଭ ପରେ ସାମ୍ବାଦିକତାକୁ ଏକ ବୃତ୍ତି ଭାବେ ଗ୍ରହଣ କରିଥିଲେ ସେ । ୧୯୪୯ରେ ଜଣେ ସାମ୍ବାଦିକ ଭାବେ ସେ ପ୍ରଜାତନ୍ତ୍ର ପ୍ରଚାର ସମିତିରେ ଯୋଗଦେଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ୧୯୫୨ ମସିହାରେ ମାତ୍ର ୨୫ ବର୍ଷ ବୟସରେ ଇଷ୍ଟର୍ଣ୍ଣ ଟାଇମସ୍ ଓ ପ୍ରଜାତନ୍ତ୍ରର ସମ୍ପାଦକ ହୋଇପାରିଥିଲେ। ଏହିଠାରୁ ହିଁ ତାଙ୍କର ରାଜନୀତିର ପ୍ରସ୍ତୁତିପର୍ବ ଆରମ୍ଭ ହୋଇଥିଲା। ଆଉ ତା'ପରର ଘଟଣା ଥିଲା ଏକ ସ୍ୱର୍ଣ୍ଣାଭ ଇତିହାସ । ପରେ ସେ ପୌରୁଷ ମାସିକ ପତ୍ରିକା ପ୍ରକାଶ କରିଥିଲେ ଓ ତାହାର ସମ୍ପାଦନା ଦାୟିତ୍ୱ ମଧ୍ୟ ନିଜେ ବହନ କରିଥିଲେ।

ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ୧୯୨୭ ମସିହା ଜାନୁୟାରୀ ୩ ତାରିଖ ହୋଇଥିବାବେଳେ ୨୦୧୫ ମସିହା ଏପ୍ରିଲ ୨୧ ତାରିଖରେ ତାଙ୍କର ଦେହାନ୍ତ ହୁଏ ପବିତ୍ର ଅକ୍ଷୟ ତୃତୀୟାରେ । ସେ ଆଜି ଆମ ଗହଣରେ ନାହାଁନ୍ତି। ଦୀର୍ଘ ୮୯ ବର୍ଷର ଘଟଣା-ବହୁଳ ଜୀବନରେ ସେ କେବେ ଅପ୍ରାସଙ୍ଗିକ ହୋଇନାହାଁନ୍ତି,ଏହାହିଁ ଥିଲା ତାଙ୍କ ବହୁମୁଖୀ ବ୍ୟକ୍ତିତ୍ୱର ବିଶେଷତ୍ୱ । ହେଲେ ସେ ଯେଉଁ କୃତି ଓ କୀର୍ତ୍ତି ଅର୍ଜନ କରିଯାଇଛନ୍ତି, ସେଥିପାଇଁ ସେ କାଳଜୟୀ ହୋଇ ରହିବେ।

*-ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ-୯୯୩୭୧୫୧୦୫୨*

# ଆଧୁନିକ ଓଡ଼ିଶା ନିର୍ମାଣର ସ୍ଥପତି ଜାନକୀବଲ୍ଲଭ

**ଶରତ କୁମାର ରାଉତ**



**ସା**ତବର୍ଷ ତଳେ ଓଡ଼ିଶା ରାଜନୀତିରେ ଏକ ସ୍ୱର୍ଣ୍ଣିମ ଯୁଗର ଅବସାନ ଘଟିଥିଲା, ଯେତେବେଳେ ବହୁ ପ୍ରତିଭାର ଅଧିକାରୀ ତଥା ଓଡ଼ିଶାବାସୀଙ୍କ ପ୍ରିୟ ଜନନାୟକ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଅକାଳ ଦେହାନ୍ତ ଖବର ବିଜୁଳି ବେଗରେ ପହଂଚିଥିଲା ଓଡ଼ିଶାରେ। ତତ୍‌କ୍ଷଣାତ୍ ରାଜ୍ୟବାସୀଙ୍କ ସହ ଓଡ଼ିଶାର ଆକାଶ, ମାଟି, ପାଣି, ପବନ ବି ସ୍ତମ୍ଭୀଭୂତ ହୋଇ ଯାଇଥିଲା। ଦଳ, ମତ, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆବାଳବୃଦ୍ଧବନିତା ସମସ୍ତଙ୍କ ଆଖିରେ ଲୁହ ଭରିଯାଇଥିଲା।

ରାଜନୀତି, ସାହିତ୍ୟ, ସଂସ୍କୃତି, ସାମ୍ବାଦିକତାର ମୂର୍ତ୍ତିମନ୍ତ ପ୍ରତୀକ, ଓଡ଼ିଶାର ତିନିଥରର ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଓ ଆସାମର ପୂର୍ବତନ ରାଜ୍ୟପାଳ ଜାନକୀ ବାବୁଙ୍କର ବହୁମୁଖୀ ଜନସ୍ୱାର୍ଥମୂଳକ କାର୍ଯ୍ୟ ଓ ଆତ୍ମୀୟତା ସ୍ମରଣଯୋଗ୍ୟ। ତାଙ୍କ ବିୟୋଗରେ ଓଡ଼ିଶା ସାହିତ୍ୟ, ସଂସ୍କୃତି, ରାଜନୀତି ଓ ସାମ୍ବାଦିକତା କ୍ଷେତ୍ରରେ ସୃଷ୍ଟି ହୋଇଛି ଏକ ଅପୂରଣୀୟ ଶୂନ୍ୟସ୍ଥାନ। ତାଙ୍କର ଅର୍ଦ୍ଧ ଶତାବ୍ଦୀର ରାଜନୀତିକ ଜୀବନ ଭିତରେ ତାଙ୍କ ପ୍ରତ୍ୟେକ ପଦକ୍ଷେପ ରାଜନୀତିଜ୍ଞମାନଙ୍କ ପାଇଁ ଆଦର୍ଶ ହୋଇଥିବା ବେଳେ ସାଧାରଣ ମଣିଷ ମାନଙ୍କ ପାଇଁ ଆଶୀର୍ବାଦ ହୋଇଛି। ସେ ଆଧୁନିକ ଓଡ଼ିଶା ନିର୍ମାଣର ଅନ୍ୟତମ ସ୍ଥପତି ହୋଇଥିବା ବେଳେ ଅନଗ୍ରସର ଓଡ଼ିଶାରେ ଶିଳ୍ପାୟନ ପର୍ବ ଆରମ୍ଭ କରିଥିଲେ। ଶିକ୍ଷା ବ୍ୟବସ୍ଥାରେ ସଂସ୍କାର, ଦାରିଦ୍ର୍ୟ ନିରାକରଣ ଓ ଗରିବ କଲ୍ୟାଣ କ୍ଷେତ୍ରରେ ତାଙ୍କର ନିଷ୍ଠାପର ଓ ଦୂରଦୃଷ୍ଟିସଂପନ୍ନ ବଳିଷ୍ଠ ପଦକ୍ଷେପ, ୧୯୯୫ରେ ଓଡ଼ିଶାରେ ମଧ୍ୟାହ୍ନ ଭୋଜନ ଯୋଜନା ଆରମ୍ଭ, କୃଷିର ବିକାଶ ପାଇଁ ବିଭିନ୍ନ ଯୋଜନା ଓ ପଦକ୍ଷେପ, କେବିକେ ଯୋଜନା, ଜଳସେଚନର ବିକାଶ ଆଦି ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟର ପରାକାଷ୍ଠା। ସେ ୧୯୭୧ରେ ପ୍ରଥମଥର ପାଇଁ ଲୋକସଭାକୁ ନିର୍ବାଚିତ ହୋଇ ୧୯୭୩ ରୁ ୧୯୭୭ ପର୍ଯ୍ୟନ୍ତ ପ୍ରତିରକ୍ଷା ଉପମନ୍ତ୍ରୀ ଓ ପରେ ରାଷ୍ଟ୍ରମନ୍ତ୍ରୀ ଥିବାବେଳେ ୧୯୮୦ ଜାନୁୟାରୀରେ ପୁନର୍ବାର ଲୋକସଭାକୁ ନିର୍ବାଚିତ ହୋଇ ଶ୍ରମ, ସାଧାରଣ ଅଭିଯୋଗ ଓ ପର୍ଯ୍ୟଟନ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ହୋଇଥିଲେ। ୧୯୭୫ରୁ ସେ ଏଆଇସିସିର ଜଣେ ସକ୍ରିୟ ସଭ୍ୟ ଥିବାବେଳେ ୧୯୮୨ରୁ ୧୯୯୨ ପର୍ଯ୍ୟନ୍ତ ସେ ଥିଲେ କଂଗ୍ରେସ କାର୍ଯ୍ୟକାରୀ କମିଟିର ସକ୍ରିୟ ସଭ୍ୟ। ସେ ୬ଥର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଥିଲେ। ତାଙ୍କର ରାଜନୀତିକ କରିସ୍ମାର ବାସ୍ତବ ପରିଚୟ ମିଳିଥିଲା ୯ ଜୁନ୍ ୧୯୮୦ରେ, ଯେତେବେଳେ ସେ କେନ୍ଦ୍ର ମନ୍ତ୍ରିତ୍ୱ ଛାଡ଼ି ପ୍ରଥମ ଥର ପାଇଁ ହୋଇଥିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ। ଅବଶ୍ୟ ସିଏ ଏଭଳି ଏକ ଉଚ୍ଚ ଆସନର ଅଧିକାରୀ ହେବେ ବୋଲି ପ୍ରାକ୍ ସୂଚନା ମିଳିଥିଲା ବ୍ରିଟିସ୍ ଶାସନ ବିରୁଦ୍ଧରେ ତାଙ୍କ ବଳିଷ୍ଠ ଛାତ୍ର ନେତୃତ୍ୱ ତଥା ୧୯୫୦ରେ ରାଜ୍ୟ ଯୁବ କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହେବା ପରଠାରୁ। ୧୯୮୫ ନିର୍ବାଚନରେ ମଧ୍ୟ ଓଡ଼ିଶାରେ ସେ କଂଗ୍ରେସକୁ ବିପୁଳ ବିଜୟର ସ୍ୱାଦ ଚଖାଇଥିଲେ ଓ ସେହିବର୍ଷ ୧୦ ମାର୍ଚ୍ଚରେ ଦ୍ୱିତୀୟ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେହିପରି ୧୯୯୫ ନିର୍ବାଚନରେ ନିଜର ପ୍ରଚଣ୍ଡ ରାଜନୀତିକ କରିସ୍ମା ବଳରେ କଂଗ୍ରେସକୁ ବିଜୟୀ କରାଇ ୧୫ ମାର୍ଚ୍ଚ ୧୯୯୫ରେ ତୃତୀୟ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରେ ବସିଥିଲେ। ସେହିପରି ୨୦୦୯ ଡ଼ିସେମ୍ବରରେ ସେ ଆସାମର ରାଜ୍ୟପାଳ ଭାବରେ ଅବସ୍ଥାପିତ ହୋଇ ୨୦୧୪ ଡ଼ିସେମ୍ବର ପର୍ଯ୍ୟନ୍ତ ସଫଳ ଭାବେ ନିଜର ଦାୟିତ୍ୱ ନିର୍ବାହ କରିଥିଲେ। ଏହି ସମୟରେ ଆସାମ ଓ ଓଡ଼ିଶା ମଧ୍ୟରେ ସାଂସ୍କୃତିକ ସମନ୍ୱୟକୁ ସୁଦୃଢ଼ କରିବା ପାଇଁ ସେ ଏକନିଷ୍ଠ ଉଦ୍ୟମ କରିଥିଲେ।

ରେଭେନ୍ସା କଲେଜରେ ସଂସ୍କୃତ ଅନର୍ସ ସହ ଗ୍ରାଜୁଏସନ୍ ଓ ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ଏମ୍.ଏ. ଡ଼ିଗ୍ରୀ ହାସଲ୍ କରିଥିବା ଜାନକୀବାବୁ ପୁରୀ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ୧୬ ଅଗଷ୍ଟ ୧୯୮୫ରେ ପ୍ରଜ୍ଞା ବାଚସ୍ପତି ଉପାଧିରେ



ବିଭୂଷିତ ହୋଇଥିଲେ। ତିରୁପତିସ୍ଥ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଦ୍ୱାରା ତାଙ୍କୁ ସ୍ୱତନ୍ତ୍ର ଉପାଧି ଡ଼ି ଲିଟ୍ ପ୍ରଦାନ କରାଯାଇଥିଲା ଓ ୨୦୦୮ରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ସେହି ବିଶ୍ୱବିଦ୍ୟାଳୟର କୁଳାଧିପତି ପଦରେ ଅବସ୍ଥାପିତ ଥିଲେ। ଓଡ଼ିଆ ସାମ୍ବାଦିକତା, ସାହିତ୍ୟିକତା ଓ ସଂସ୍କୃତି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଯୁଗଯୁଗ ଧରି ସେ ସ୍ମରଣୀୟ ହୋଇ ରହିବେ। ସେ ଲୋକପ୍ରିୟ ଦୈନିକ ସମ୍ବାଦପତ୍ର "ପ୍ରଜାତନ୍ତ୍ର" ଓ ଇଂରାଜୀ ସାପ୍ତାହିକ "ଦି ଇଷ୍ଟର୍ଣ୍ଣ ଟାଇମ୍‌ସ"ର ସଂପାଦକ ଭାବେ ଯଥାକ୍ରମେ ୧୯୫୨ରୁ ୧୯୬୭ ଓ ୧୯୫୨ରୁ ୧୯୬୬ ପର୍ଯ୍ୟନ୍ତ ରହିଥିବା ବେଳେ ଓଡ଼ିଆ ମାସିକ ପତ୍ରିକା "ପୌରୁଷ"ର ପ୍ରତିଷ୍ଠାତା ସଂପାଦକ ଭାବେ ସୁନାମ ଅର୍ଜନ କରିଛନ୍ତି। ତାଙ୍କର ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ ୧୯୫୨ରୁ ୧୯୬୬ ପର୍ଯ୍ୟନ୍ତ ସେ ଥିଲେ ଅଖିଳ ଭାରତ ସମ୍ବାଦପତ୍ର ସଂପାଦକ ସମ୍ମେଳନର ସକ୍ରିୟ ସଭ୍ୟ ଓ ୧୯୫୬ରୁ ୧୯୬୭ ପର୍ଯ୍ୟନ୍ତ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭ୍ୟ। ୧୯୫୭ରୁ ୧୯୬୭ ପର୍ଯ୍ୟନ୍ତ ଉତ୍କଳ ବିଶ୍ୱବିଦ୍ୟାଳୟ ସିନେଟ୍‌ର ସଭ୍ୟ ଥିବାବେଳେ ଓଡ଼ିଶା ବିଦ୍ୟାଳୟ ଶିକ୍ଷକ ସଂଘର ସଭାପତି ଥିଲେ। ତାଙ୍କର ଜୀବନ କାଳ ମଧ୍ୟରେ ସେ ବହୁ ଓଡ଼ିଆ ପୁସ୍ତକ ରଚନା କରିଛନ୍ତି। ମହାଭାରତୀୟ ମହାକାବ୍ୟ "ରାମାୟଣ" ଓ "ମହାଭାରତ"ର ପୁନର୍ଲିଖନ ସହ ସଂସ୍କୃତ "ଶ୍ରୀମଦ୍ ଭାଗବତ"ର ସଂପୂର୍ଣ୍ଣ ଗଦ୍ୟାନୁବାଦ ସେ କରିଛନ୍ତି। ବିଶେଷ କରି ସଂସ୍କୃତ ଓ ଅନ୍ୟାନ୍ୟ ଭାଷାରୁ ଓଡ଼ିଆ ଅନୁବାଦ ପୁସ୍ତକ ରଚନା ଓଡ଼ିଆ ଭାଷା ସାହିତ୍ୟକୁ ବଳିଷ୍ଠ କରିପାରିଥିବା ବେଳେ ତାଙ୍କ ରଚିତ ଓଡ଼ିଆ ଓ ଇଂରାଜୀ ଭାଷାରେ ଗଳ୍ପ, ନିବନ୍ଧ ଆଦି ଲେଖା (୧ହଜାରରୁ ଊର୍ଦ୍ଧ୍ୱ) ବିଭିନ୍ନ ଓଡ଼ିଆ ଓ ଇଂରାଜୀ ପତ୍ରପତ୍ରିକାରେ ପ୍ରକାଶିତ। ସଂସ୍କୃତ ଭାଷାରୁ ଓଡ଼ିଆକୁ ଅନୁବାଦ କ୍ଷେତ୍ରରେ ତାଙ୍କର ଅଗାଧ ପାଣ୍ଡିତ୍ୟ ପାଇଁ ତାଙ୍କୁ ୩ ନଭେମ୍ବର ୧୯୮୫ରେ ପୁରୀ ମୁକ୍ତି ମଣ୍ଡପ ପଣ୍ଡିତ ସଭା ଦ୍ୱାରା ସମ୍ମାନିତ କରାଯାଇଥିଲା ଓ ବିଶ୍ୱଭାରତୀ (ଶାନ୍ତି ନିକେତନ, କଲିକତା) ପକ୍ଷରୁ ୧୫ଫେବୃୟାରୀ ୧୯୮୭ରେ ସମ୍ମାନିତ କରାଯାଇଥିଲା। ଓଡ଼ିଆ ଓ ସଂସ୍କୃତ ସାହିତ୍ୟକୁ ଅବଦାନ ପାଇଁ ବିଶେଷ କରି ଅନୁବାଦ୍ ପୁସ୍ତକ "ବୈରାଗ୍ୟ ସତକମ୍" ପାଇଁ ୧୯୮୬ରେ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଅର୍ପଣ କରାଯାଇଥିଲା ବେଳେ ୨୦୦୧ରେ ବଙ୍କିମଚନ୍ଦ୍ର ଉପନ୍ୟାସ ମାଳାର ଅନୁବାଦ ପାଇଁ ସେ ପାଇଥିଲେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର। ଏଥିସହ ସଂଖ୍ୟାଧିକ ସାହିତ୍ୟ, ସାଂସ୍କୃତିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ବିଭିନ୍ନ ସମୟରେ ମାନପତ୍ର ଦିଆଯାଇ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଛି।

ଦେଶ ବିଦେଶରେ ସଂସ୍କୃତ ସାହିତ୍ୟ ଶିକ୍ଷାର ପ୍ରଚଳନ ଓ ପ୍ରସାର ପାଇଁ ସେ ବହୁ ଉଦ୍ୟମ କରିଥିଲେ। ଏଥିପାଇଁ ସେ ପୁରୀଠାରେ ୭ ଜୁଲାଇ ୧୯୮୧ରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଇଥିଲେ। ଆଉରି ମଧ୍ୟ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ଶିକ୍ଷା ପ୍ରଣାଳୀରେ ଏକ ଯୁଗାନ୍ତକାରୀ ବିପ୍ଳବ ସୃଷ୍ଟି କରି ସେ ସଂସ୍କୃତକୁ ବାଧ୍ୟତାମୂଳକ ବିଷୟ ଭାବେ ନିୟମ ପ୍ରଣୟନ କରିବା ସହ ସଂସ୍କୃତ ଅନୁଷ୍ଠାନମାନଙ୍କରେ ବହୁ ସଂସ୍କାର ଆଣିଥିଲେ। ସେହିପରି ଓଡ଼ିଶାର ସମସ୍ତ କାର୍ଯ୍ୟାଳୟରେ ଓଡ଼ିଆ ଭାଷା ପ୍ରଚଳନ ପାଇଁ ନିୟମ ପ୍ରଣୟନ କରିଥିଲେ ଓ ସଂସ୍କୃତ ବ୍ୟାକରଣ ଆଧାରରେ ନିଜର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେ ଇଂରାଜୀ-ଓଡ଼ିଆ ଶବ୍ଦକୋଷଗୁଡ଼ିକ ପ୍ରକାଶ କରିଥିଲେ।

ବାସ୍ତବରେ ସେ ଥିଲେ ଜଣେ ଯୋଗଜନ୍ମା ପୁରୁଷ ଓ ପ୍ରଗତିର କପୋତ। ମଣିଷ ପରି ମଣିଷଟିଏ ଥିଲେ ସିଏ, କୋଟିକରେ ଗୋଟିଏ। ୧୯୯୮ ମସିହା ସେପ୍ଟେମ୍ବର ୭ରେ ମୁଁ ତାଙ୍କ ସହିତ ପ୍ରଥମ ଭେଟ ହୋଇଥିଲି। ଓଡ଼ିଶାର ଏକ ପ୍ରତିଷ୍ଠିତ ଖବରକାଗଜରେ ପ୍ରକାଶିତ ମୋର ଏକ ରାଜନୀତିକ ନିବନ୍ଧକୁ ଯେଉଁଭଳି ପ୍ରଶଂସା କରି ଧନ୍ୟବାଦରେ ମୋତେ ପୋତି ପକାଇଥିଲେ, ତାହା ମୋତେ ଅଭିଭୂତ କରିଦେଇଥିଲା। ମୁଁ ଅଭିଭୂତ ହୋଇଛି ତାଙ୍କର ଅମାୟିକତ୍ୱ ଓ ମଣିଷପଣିଆ ଦେଖି। ମୃତ୍ୟୁ ଚିରନ୍ତନ ସତ୍ୟ। ଏହା ଯେତେ ନିଷ୍ଠୁର ଓ କଠୋର ଲାଗିଲେ ବି ସମସ୍ତେ ଗ୍ରହଣ କରିବାକୁ ବାଧ୍ୟ। ସେହି ମହାନ୍ ପୁରୁଷ ୨୦୧୫ ମସିହା ଅପ୍ରେଲ ୨୧ ତାରିଖରେ ଇହଲୀଳା ତ୍ୟାଗ କରିଥିଲେ। ତଥାପି ଆଜି ମଧ୍ୟ ସେ ଆମ ପାଖରେ ଅମର ହୋଇ ରହିଛନ୍ତି। ଆଜି ତାଙ୍କର ପବିତ୍ର ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କର ଅମ୍ଳାନ କୀର୍ତି ସମସ୍ତଙ୍କ ସାମ୍ନାରେ ଭାସି ଉଠୁଛି। ସେ ସିନା ଆଜି ଆମ ପାଖରେ ନାହାନ୍ତି, ହେଲେ ତାଙ୍କର ବନ୍ଧୁବତ୍ସଳତା, କର୍ତବ୍ୟପରାୟଣତା ଓ ହସ ହସ ମୁହଁ ତାଙ୍କୁ ଚିରଦିନ ପାଇଁ ଅମର କରି ରଖିବ।

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ-୯୩୩୭୩୭୬୯୪୮*




# ଜାତୀୟ ରେଡକ୍ରସରେ ଓଡିଶା ରେଡକ୍ରସର ବିରଳ କୃତିତ୍ୱ

ଭୁବନେଶ୍ୱର, (ପିଏନ);- ଭାରତୀୟ ରେଡକ୍ରସ ସୋସାଇଟିର ବାର୍ଷିକ ସାଧାରଣ ବୈଠକ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ହର୍ଷବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଶାଖା ତରଫରୁ ଅବୈତନିକ ସଚିବ ସୁଶ୍ରୀ ସିଟିଏମ. ସୁଗୁଣା, କୋଷାଧ୍ୟକ୍ଷ ମେଜର ଡ. କଳ୍ପନା ଦାସ, ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ, କନିଷ୍ଠ ରେଡକ୍ରସ ଅଧିକାରୀ ଶ୍ରୀ ଲକ୍ଷ୍ମଣ ସ୍ୱାଇଁ, ସମସ୍ତ ଜିଲ୍ଲାର ଜିଲ୍ଲାପାଳ ବା ସେମାନଙ୍କ ପ୍ରତିନିଧି, ରାଜ୍ୟ କାର୍ଯ୍ୟକାରିଣୀର ସଦସ୍ୟମାନେ ଯୋଗ ଦେଇଥିଲେ । ସୁଶ୍ରୀ ସିଟିଏମ. ସୁଗୁଣା ରାଜ୍ୟରେ କ୍ରିୟାଶୀଳ ସମସ୍ତ ଯୋଜନାର ସଫଳ ରୂପାୟନ ନିମନ୍ତେ ଭାରତୀୟ




ରେଡକ୍ରସ ସୋସାଇଟିର ସହଯୋଗକୁ ବର୍ଣ୍ଣନା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଶାଖା ଜାତୀୟ ସ୍ତରରେ ରେକର୍ଡ ସଂଖ୍ୟକ ୭ଗୋଟି ପୁରସ୍କାର ଗ୍ରହଣ କରି ବିରଳ କୃତିତ୍ୱ ହାସଲ କରିଛନ୍ତି । ସର୍ବାଧିକ ରକ୍ତଦାନ କ୍ଷେତ୍ରରେ ୨୦୧୬-୨୦୧୭, ୨୦୧୭-୨୦୧୮ ବର୍ଷ ନିମନ୍ତେ ତଥା ସର୍ବାଧିକ ଅନୁଦାନ ସଂଗ୍ରହ କ୍ଷେତ୍ରରେ ୨୦୧୬-୨୦୧୭, ୨୦୧୭-୨୦୧୮ ଏବଂ ୨୦୧୮-୨୦୧୯, ବର୍ଷ ନିମନ୍ତେ ଶ୍ରେଷ୍ଠ ରାଜ୍ୟ ଶାଖା ଭାବରେ ଓଡିଶା ସମ୍ମାନୀତ ହୋଇଛି । ଏତତ୍ ବ୍ୟତିତ ବ୍ୟକ୍ତିଗତ ସଫଳତା ନିମନ୍ତେ ସ୍ୱେଚ୍ଛାସେବୀ ଶ୍ରୀମତୀ ଗୀତାଞ୍ଜଳି ପଣ୍ଡା ଓ ମାଲକାନଗିରି ଯୁବ ରେଡକ୍ରସ ପରାମର୍ଶଦାତା ଡ. ରଂଜନ କୁମାର ସ୍ୱାଇଁଙ୍କୁ ଜାତୀୟ ରେଡକ୍ରସ ମେରିଟ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି । ଏହି ସମସ୍ତ ସଫଳତା ନିମନ୍ତେ ସମସ୍ତ ସ୍ୱେଚ୍ଛାସେବୀ ତଥା ଯୁବ ରେଡକ୍ରସ, କନିଷ୍ଠ ରେଡକ୍ରସର ସମସ୍ତ କର୍ମକର୍ତ୍ତା, କାର୍ଯ୍ୟାଳୟ କର୍ମଚାରୀମାନଙ୍କୁଅବୈତନିକ ସଚିବ ସୁଶ୍ରୀ ସିଟିଏମ. ସୁଗୁଣା, ସାଧୁବାଦ ଜଣାଇଛନ୍ତି ।

# ସ୍ୱର୍ଗତ ଶରତବାବୁଙ୍କ ରାଷ୍ଟ୍ରୀୟ ସମ୍ମାନ ପରିପେକ୍ଷୀରେ ପ୍ରତାପବାବୁଙ୍କ ମନ୍ତବ୍ୟର ନିରଞ୍ଜନଙ୍କ ପ୍ରତିକ୍ରିୟା



ଭୁବନେଶ୍ୱର, (ପିଏନ)- ଶରତବାବଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସଂପର୍କରେ ମନ୍ତ୍ରୀ ପ୍ରତାପବାବୁ ଆଜି ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ, ମୁଁ ପିଲାଳିଆ ଭାବରେ ମନ୍ତବ୍ୟ ଦେଇଛି । ତାଙ୍କ ଏ ମନ୍ତବ୍ୟ ହାସ୍ୟାସ୍ପଦ । ସେ ମୋ ଆଗରେ ପିଲା, ମୋ ପୁଅ ବୟସର ବା ସାନଭାଇ ବୟସର ମୁଁ ତାଙ୍କୁ କଣ ଉତରଦେବି । ସରକାରଙ୍କ ନିୟମକାନୁନ୍ ମୋତେ ବେଶ୍ ଜଣାଅଛି । ଓଡିଶାରେ ଯେତେ ମୁଖ୍ୟମନ୍ତ୍ରୀ ହେଇଛନ୍ତି ବିଶ୍ୱନାଥ ଦାସଙ୍କ ଠାରୁ ଆରମ୍ଭ କରି ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଶବଦାହ ବେଳେ ମୁଁ ଉପସ୍ଥିତ ରହିଛି । କେବଳ ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂହଦେଓ ଓ ସ୍ୱର୍ଗତ ସଦାଶିବ ତ୍ରିପାଠୀଙ୍କ ଶବଦାହ ବେଳେ ଉପସ୍ଥିତ ନଥିଲି । ଏତଦ୍ ବ୍ୟତୀତ ବିଭିନ୍ନ ଦଳର ରାଜନୈତିକ ନେତା ଓ ମାନ୍ୟଗନ୍ୟ ବ୍ୟକ୍ତିଙ୍କ ଶବଦାହ ବେଳେ ଉପସ୍ଥିତ ରହିଛି । ସନ୍ଧ୍ୟାର ଆଗତ ସମୟରେ ମଧ ନେତାଙ୍କୁ ରାଷ୍ଟ୍ରୀୟ ସମ୍ମାନ ଦିଆଯାଇଛି । ସେ ବିବାଦକୁ ମୁଁ ଯିବାକୁ ଚାହେଁନାହିଁ । ଗତ ନିର୍ବାଚନରେ ପ୍ରତାପବାବୁଙ୍କ ବିଜୟପାଇଁ ଶରତବାବୁ ଉଦ୍ୟମ କରିଥିଲେ, ଆଜି ତାର ପ୍ରତିଦାନ ସ୍ୱରୂପ ପ୍ରତାପବାବୁ କଣ ଏପରି ମନ୍ତବ୍ୟ ଦେଉଛନ୍ତି କି ? ମୁଁ ମୋର ପ୍ରତିକ୍ରିୟା ଓ ଦୁଃଖ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲି, ଏହାର ଉତର ମୁଖ୍ୟମନ୍ତ୍ରୀ କିମ୍ବା ଘରୋଇ ବିଭାଗ ମନ୍ତ୍ରୀ ଶ୍ରୀ ଦିବ୍ୟଶଙ୍କର ମିଶ୍ର ମନ୍ତବ୍ୟ ଦେଇଥିଲେ ସୁନ୍ଦର ଦେଖାଯାଇଥାନ୍ତା । ପ୍ରତାପବାବୁ କିଏ ? ଯଦି ସରକାରଙ୍କ ତରଫରୁ ସ୍ପଷ୍ଟିକରଣ ଦିଆଯାଇଛି ନିମ୍ନଲିଖିତ ପ୍ରଶ୍ନ ଗୁଡିକର ସରକାର ଉତର ଦେବେ କି ? ୧. ଶରତବାବୁ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଅପରାହ୍ନ ୨ଟା୩୦ରେ ସେ ଦେହତ୍ୟାଗ କରିଥିଲେ ଓ ୩ଟା ୧୫ମିନିଟ୍‌ରେ ହସ୍ପିଟାଲ କର୍ତୁପକ୍ଷଙ୍କ ତରଫରୁ ମୃତ୍ୟୁ ବୋଲି ଘୋଷଣା କରାଗଲା । ମରଶରୀରକୁ ପରିବାରବର୍ଗଙ୍କୁ ଦିଆଯାଇନଥିଲା । ହସ୍ପିଟାଲ ତରଫରୁ ମରଶରୀରକୁ ସ୍ମଶାନକୁ ଅଣାଗଲା । ନିୟମ ଅନୁସାରେ ସୂର୍ଯ୍ୟାସ୍ତ ପୂର୍ବରୁ ଅଣାଗଲା ନାହିଁ କାହିଁକି ? ୨. ଶରତବାବୁଙ୍କ ସାନ ପୁଅ ପ୍ରତାପବାବୁଙ୍କୁ ଅନୁରୋଧ କରିଥିଲେ, ବାପାଙ୍କର ଶେଷ ଇଛାପୂରଣ କରିବା ପାଇଁ ପୁରୀ ନେବାପାଇଁ । ଅନ୍ୟମାନଙ୍କୁ ପୁରୀ ନେବାପାଇଁ ଅନୁମତି ଦେବାବେଳେ ଶରତବାବୁଙ୍କ ଶରୀରକୁ ପୁରୀ ନେବାପାଇଁ ଅନୁମତି ଦିଆଗଲା ନାହିଁ କାହିଁକି ? ୩. ବଡପୁଅ ବିଧାନସଭା କର୍ତୁପକ୍ଷଙ୍କ ସହ କଥାବାର୍ତା କରି ମରଶରୀରକୁ ବିଭାନସଭା ନେବାପାଇଁ ସମୟ ନିର୍ଦ୍ଧାରଣ କରିଥିଲେ କିନ୍ତୁ ଠିକ୍ ୩୦ମିନିଟ୍‌ର ବ୍ୟବଧାନରେ ବିଧାନସଭାକୁ ମରଶରୀର ଆଣିବାକୁ ମନା କରିଦେଇଥିଲେ । ଯଦି ସନ୍ଧ୍ୟା ହେଲା ବୋଲି ରାଷ୍ଟ୍ରୀୟ ମର୍ଯ୍ୟାଦା ସ୍ମଶାନରେ ଦିଆଗଲାନାହିଁ, ଅନ୍ୟ କୌଣସି ସ୍ଥାନରେ ଦିଆ ଯାଇପାରିଥାନ୍ତା । ସ୍ମଶାନରେ ରାଷ୍ଟ୍ରୀୟ ସମ୍ମାନ ନଦିଆଯାଇ ଅନ୍ୟ ଜାଗାରେ ଦେବାର ଦୃଷ୍ଟାନ୍ତ ଅଛି । ଶରତବାବୁଙ୍କ କ୍ଷେତ୍ରରେ ଏହା କରାଗଲାନାହିଁ କାହିଁକି ? ସ୍ୱର୍ଗତ ଶରତବାବୁଙ୍କ ଅମର ଆତ୍ମା ପ୍ରତି ଏହି ଯେଉଁ ଅବିଚାର ହୋଇଛି ସେ ବିଷୟରେ ଆଉ ଅଧିକ ଆଲୋଚନା ନକରି ଦୟାକରି ଏ ତ୍ରୁଟିପାଇଁ ସରକାର କ୍ଷମାମାଗନ୍ତୁ ଏବଂ ଏଥିପାଇଁ କିଏ ଦାୟୀ ମୁଖ୍ୟମନ୍ତ୍ରୀ ମହାଶୟ ଏହାର ବିଚାର କରନ୍ତୁ ବୋଲି ଆଜିର ପ୍ରେସ୍ ବିଜ୍ଞପ୍ତିରେ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

# ସୁବ୍ୟବସ୍ଥିତ ମତଦାତା ଶିକ୍ଷା ଏବଂ ନିର୍ବାଚକ ସହଭାଗିତା(ସ୍ୱିପ) ରଥ'ର ଶୁଭାରମ୍ଭ

ବାଲେଶ୍ୱର(ପିଏନ)- ଉପ-ନିର୍ବାଚନ ପାଇଁ ମତଦାତାଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ସୁବ୍ୟବସ୍ଥିତ ମତଦାତା ଶିକ୍ଷା ଏବଂ ନିର୍ବାଚକ ସହଭାଗିତା (ସ୍ୱିପ) ରଥ'ର ଯାତ୍ରା ଆରମ୍ଭ ହୋଇଛି । ଆଜି ପୂର୍ବାହ୍ନରେ ବାଲେଶ୍ୱର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲାପାଳ ଶ୍ରୀ କେ ସୁଦର୍ଶନ ଚକ୍ରବର୍ତୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ୩୨ଟି ସ୍ୱିପ ରଥ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ବିଭିନ୍ନ ବୁଥ୍ ପରିକ୍ରମା କରି ଭୋଟରମାନଙ୍କୁ ନିର୍ବାଚନ ଓ ଭୋଟଗ୍ରହଣ ପ୍ରକ୍ରିୟାର ବିଭିନ୍ନ ଦିଗ ସମ୍ପର୍କରେ ସଚେତନ କରିବ । ମୁଖ୍ୟତଃ କୋଭିଡ୍ କଟକଣା ମଧ୍ୟରେ କିଭଳି ଭୋଟଦାନ




କରାଯାଇପାରିବ, ଇଭିଏମ-ଭିଭିପାଟ ମେସିନର ବ୍ୟବହାର ଏବଂ ଉପ-ନିର୍ବାଚନରେ ଭୋଟରମାନଙ୍କ ସହାୟତା ନିମନ୍ତେ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ସ୍ଥାପନ କରାଯାଇଥିବା ସହାୟକ ବୁଥ୍ ବାବଦରେ ଏହି ରଥସବୁ ମତଦାତାମାନଙ୍କୁ ସଚେତନ କରାଇବେ । ଏତଦ୍ ଭିନ୍ନ ଉପ-ନିର୍ବାଚନ ବାବଦରେ ରହିଥିବା ଅନ୍ୟାନ୍ୟ ସନ୍ଦେହକୁ ମଧ୍ୟ ଏହା ଦୂର କରିବ । ଏହି ରଥଗୁଡିକ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ସେକ୍ଟର ଓ୍ୱାରୀ ପରିକ୍ରମା କରି ମତଦାତାମାନଙ୍କୁ ନିର୍ବାଚନ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିବେ । ଏଥିପାଇଁ ସେକ୍ଟର ଅଧିକାରୀ ଓ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି । ଏହା ଦ୍ୱାରା ମତଦାତାମାନେ ଅଧିକ ସଚେତନ ହୋଇପାରିବେ ବୋଲି ଜିଲ୍ଲାପାଳ ଆଶାପ୍ରକଟ କରିଛନ୍ତି । ଆଜିର କାର୍ଯ୍ୟକ୍ରମରେ ଉପ-ଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ, ସହକାରୀ ଜିଲ୍ଲାପାଳ,ନିର୍ବାଚନ ଶ୍ରୀ ମନୋଜ ସେନାପତିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ୨୦୨୦ ପାଇଁ ପାର୍ବଣ ଅଫର୍ ସହିତ ଏସ୍‌ବିଆଇ କାର୍ଡ ନିଜ ଗ୍ରାହକଙ୍କୁ ଅଧିକ ଉତ୍ସାହ ପ୍ରଦାନ କରୁଛି

ନୂଆଦିଲ୍ଲୀ/ ଭୁବନେଶ୍ୱର,(ପିଏନ): ଭାରତର ସର୍ବବୃହତ କେବଳ କ୍ରେଡିଟ କାର୍ଡ ଜାରି କରୁଥିବା ସଂସ୍ଥା ଏସ୍‌ବିଆଇ କାର୍ଡ ଚଳିତ ପାର୍ବଣ ଋତୁରେ ତାହାର କାର୍ଡଧାରୀଙ୍କ ପାର୍ବଣ ଖୁସି ଅଧିକ ବଢାଇବାକୁ ଯାଉଛି । ପରିବର୍ତ୍ତିତ ଧାରା ଏବଂ ଗ୍ରାହକଙ୍କ ପସନ୍ଦ ମୁତାବକ ସ୍ୱତନ୍ତ୍ର ଭାବରେ ବ୍ୟବସ୍ଥା କରାଯାଇଥିବା ଦେଶର ୨୦୦୦ ସହରରେ ୧୦୦୦ରୁ ଅଧିକ ଅଫର୍ ସହିତ ଏସ୍‌ବିଆଇ କାର୍ଡ ଗ୍ରାହକଙ୍କୁ ସେମାନଙ୍କର ପାର୍ବଣ ଋତୁକାଳୀନ କ୍ରୟ ଅନୁଭୂତିକୁ ଅଧିକ ଉତ୍ସାହପ୍ରଦ କରିବା ପ୍ରୟାସ କରିଛି । ବିବିଧ ରେଞ୍ଜର ଅଫର ମଧ୍ୟରେ ରହିଛି ୩୦୦ରୁ ଅଧିକ ଜାତୀୟ ଏବଂ ୭୦୦ରୁ ଅଧିକ ଆଞ୍ଚଳିକ ତଥା ଅତିମାତ୍ରାରେ ସ୍ଥାନୀୟ ଅଫର୍ । ବିସ୍ତାରିତ ଅଫର ମଧ୍ୟରେ ବିବିଧ ବର୍ଗ ଯଥା ଫେଶନ ଓ ଲାଇଫଷ୍ଟାଇଲ, ଇଲେକଟ୍ରୋନିକ୍ସ, ମୋବାଇଲ, ଅଳଙ୍କାର, ଡିପାର୍ଟମେଣ୍ଟକ୍ଷପ୍ଟ;ାଲ ଷ୍ଟୋର ଏବଂ ଭ୍ରମଣ ତଥା ଅନ୍‌ଲାଇନ ମାର୍କେଟପ୍ଲେସ ଆଦି ଅନ୍ତର୍ଭୁକ୍ତ । ଏହି ଅଫର୍ ଦେଶବ୍ୟାପୀ ଆମାଜନ, ବ୍ରାଣ୍ଡ ଫାକ୍ଟରି, କ୍ରୋମା, କାରାଟ୍‌ଲେନ, ଫାବ୍‌ଇଣ୍ଡିଆ, ଫାଷ୍ଟ୍‌କ୍ରାଏ, ଗ୍ରୋଫର୍ସ, ହୋମସେଣ୍ଟକ୍ଷପ୍ଟ;ର, ଲୟଡ୍‌ସ, ମୋର୍ ହାଇପରମାର୍କେଟ, ମୋର୍ ସୁପରମାର୍କେଟ, ପାଣ୍ଟକ୍ଷପ୍ଟ;ାଲୁନ୍‌ସ, ସାମସଙ୍ଗ ମୋବାଇଲ ଏବଂ ଟାଟା କ୍ଲିକ୍ ଭଳି ପ୍ରସିଦ୍ଧ ବ୍ରାଣ୍ଡଗୁଡିକରେ ଉପଲବ୍ଧ ହେଉଛି । ଏହି କୌଶଳାତ୍ମକ ସହଭାଗିତା ଗ୍ରାହକଙ୍କୁ ସମସ୍ତ ସପିଙ୍ଗ ବର୍ଗରୁ ଫାଇଦା ଉଠାଇବାକୁ ସମର୍ଥ କରିବ । ଅଫର୍‌ଗୁଡିକ ମଧ୍ୟରେ ଆକର୍ଷଣୀୟ କ୍ୟାସ୍‌ବ୍ୟାକ ଏବଂ ତତ୍‌ସହିତ ୧୦% ପର୍ଯ୍ୟନ୍ତ ତତ୍‌କ୍ଷଣାତ ରିହାତି ଅନ୍ତର୍ଭୁକ୍ତ । ଏସ୍‌ବିଆଇ କାର୍ଡ ମଧ୍ୟ ଫ୍ଲିପକାର୍ଟର 'ଦି ବିଗ୍ ବିଲିଅନ ଡେଜ୍' ଅନ୍‌ଲାଇନ ସପିଙ୍ଗ ଫେଷ୍ଟିଭାଲର ଏକମାତ୍ର କ୍ରେଡିଟକାର୍ଡ ସହଭାଗି ହୋଇଛି, ଯାହା ଭାରତରେ ଅନ୍ୟତମ ସର୍ବବୃହତ ଅନ୍‌ଲାଇନ ସେଲ୍ ଅଟେ । ଏସ୍‌ବିଆଇ କାର୍ଡ ଗ୍ରାହକମାନେ ନିଜ ଘରେ ବସି ଏହି ଅଫର୍ ଅବଧି ସମୟରେ ଫ୍ଲିପକାର୍ଟରେ ୧୦% ତତ୍‌କ୍ଷଣାତ ରିହାତି ସହିତ ଅନ୍ୟ ବିବିଧ ଫାଇଦାର ସୁଯୋଗ ପାଇପାରିବେ । ପାର୍ବଣ ଅଫର୍ ସମ୍ପର୍କରେ ଏସ୍‌ବିଆଇ କାର୍ଡର ଏମ୍‌ଡି ଓ ସିଇଓ ଶ୍ରୀ ଅଶ୍ୱିନୀ କୁମାର ତିୱାରୀ କହିଛନ୍ତି, "ପ୍ରତିବର୍ଷ ଅତ୍ୟନ୍ତ ଯତ୍ନର ସହିତ ଡିଜାଇନ କରାଯାଇଥିବା ଜାତୀୟ ଓ ଆଞ୍ଚଳିକ ଅଫରଗୁଡିକ ଜରିଆରେ ଆମ ଗ୍ରାହକଙ୍କୁ ଉନ୍ନତତର ଅନୁଭୂତି ଏବଂ ସେମାନଙ୍କର ପାର୍ବଣ ସପିଙ୍ଗରେ ଯଥାସମ୍ଭବ ଅଧିକ ସଞ୍ଚୟ କରିବା ସୁଯୋଗ ପ୍ରଦାନ କରିବାକୁ ଆମେ ପ୍ରୟାସ କରିଆସୁଛୁ । ଚଳିତ ବର୍ଷ ଆମେ ଜାତୀୟ ଓ ସ୍ଥାନୀୟ ବ୍ୟବସାୟୀ, ଉଭୟ ଷ୍ଟୋର ମଧ୍ୟରେ ଏବଂ ଅନ୍‌ଲାଇନରେ ଦେଶର ୨୦୦୦ ସହରରେ ୧୦୦୦ରୁ ଅଧିକ ଅଫର୍ ପ୍ରଦାନ କରୁଛୁ, ଯଦ୍ଦ୍ୱାରା ଆମର କାର୍ଡଧାରୀମାନେ ସମସ୍ତ ବର୍ଗରେ ବିପୁଳ ଫାଇଦା ପାଇବାକୁ ସମର୍ଥ ହେବେ । ଏଥିସହିତ ପାର୍ବଣ ସମୟର କ୍ରୟକୁ ଅଧିକ ସୁଲଭ କରିବା ସକାଶେ ଏସ୍‌ବିଆଇ କାର୍ଡ ଗ୍ରାହକମାନେ ୧.୩ ଲକ୍ଷରୁ ଅଧିକ ଷ୍ଟୋରରେ ଇଏମ୍‌ଆଇରେ କିଣାକିଣି କରିବାର ସୁଯୋଗ ନେଇପାରିବେ । କୌଣସି ଅଧିକ ମୂଲ୍ୟ ବିନା ଇଏମ୍‌ଆଇ ସୁବିଧା ଅଧିକ ମୂଲ୍ୟବିଶିଷ୍ଟ ଏବଂ ଲୋକପ୍ରିୟ ଇଲେକଟ୍ରୋନିକ୍ସ ତଥା ମୋବାଇଲ ବ୍ରାଣ୍ଡ୍‌ଗୁଡିକ ନିମନ୍ତେ ମଧ୍ୟ ଉପଲବ୍ଧ ହେଉଛି । ଏହି ଅଫରଗୁଡିକ ଜରିଆରେ ଆମେ ଆମ ଗ୍ରାହକଙ୍କ ପାଇଁ ଏକ ନିରାପଦ ଏବଂ ଲାଭପ୍ରଦ ସପିଙ୍ଗ ଅନୁଭୂତି ପ୍ରଦାନ କରିବା ନେଇ ବହୁତ ଖୁସି ଏବଂ ତାହାଦ୍ୱାରା ସେମାନଙ୍କର ଉତ୍ସବ ପାଳନ ଅଧିକ ଆନନ୍ଦମୟ କରିପାରୁଛୁ ।" ଜାତୀୟସ୍ତରର ଅଫର୍ ସହିତ ଏସ୍‌ବିଆଇ କାର୍ଡ ମଧ୍ୟ କ୍ଷୁଦ୍ର ସହର ଓ ନଗରଗୁଡିକରେ ଗ୍ରାହକଙ୍କ ପାଇଁ ଅନେକ ଅଞ୍ଚଳଭିତ୍ତିକ ଏବଂ ଅତିମାତ୍ରାରେ ସ୍ଥାନୀୟ ଅଫର୍ ପ୍ରସ୍ତୁତ କରିଛି । ଉଦାହରଣସ୍ୱରୂପ ଏସ୍‌ବିଆଇ କାର୍ଡ ଦୁର୍ଗାପୂଜା ଓ ନବରାତ୍ରି ଉତ୍ସବ ପାଳନ ସମୟରେ ଆଞ୍ଚଳିକ ବ୍ରାଣ୍ଡ୍‌ଗୁଡିକ ସହିତ ସହଭାଗିତା କରିଛି ଯାହା ୧୭ଟି ସହରରେ ୧୧୦୦ରୁ ଅଧିକ ଷ୍ଟୋରରେ ୧୨୦ରୁ ଅଧିକ ରିହାତି ଅଫର୍ ସହିତ କ୍ୟାସ୍‌ବ୍ୟାକ ଅଫର, ୪୬ଟି ସହରରେ ୧୦%ରୁ ୫୫% ପର୍ଯ୍ୟନ୍ତ ୭୦୦ରୁ ଅଧିକ ଅତିମାତ୍ରାରେ ସ୍ଥାନୀୟ ଅଫର୍ ଜରିଆରେ ଗ୍ରାହକଙ୍କୁ ମହାନ ସଞ୍ଚୟ ଯୋଜନାର ଫାଇଦା ଉଠାଇବାକୁ ସମର୍ଥ କରିବ ।

**ଘୋଷଣା**

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୧ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ ।

-ପ୍ରକାଶକ

# ଖାତାବୁକ୍ ମାଇଁଷ୍ଟୋର୍ ଆପ୍ ପକ୍ଷରୁ ମାତ୍ର ୧୫ ମିନିଟ୍‌ରେ ବ୍ୟବସାୟୀଙ୍କୁ ଅନ୍‌ଲାଇନ୍ ବ୍ୟବସାୟ କରିବାର ସୁବିଧା ପ୍ରଦାନ

ଭୁବନେଶ୍ୱର: ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଫିନ୍‌ଟେକ୍ ଷ୍ଟାର୍ଟ-ଅପ୍, ଖାତାବୁକ୍ ଏବେ ଆଣ୍ଡ୍ରଏଡ୍‌ରେ ଏହାର 'ମାଇଁଷ୍ଟୋର୍' ଆପ୍‌ର ଶୁଭାରମ୍ଭ କରିଛି । ସହଜ ସାଇନ୍-ଅପ୍ ପ୍ରକ୍ରିୟା ସହିତ ଏହା ହେଉଛି ଏକ ଅନ୍ତର୍ନିହିତ ଓ ସୁରକ୍ଷିତ ଇଂଟରଫେସ୍ ବିଶିଷ୍ଟ ଆପ୍, ଯାହାକି ବ୍ୟବସାୟୀମାନଙ୍କୁମାତ୍ର ୧୫ ମିନିଟ୍ ମଧ୍ୟରେ ସେମାନଙ୍କର ଅନ୍‌ଲାଇନ୍ ବ୍ୟବସାୟ ଆରମ୍ଭ କରିବାରେ ସାହାଯ୍ୟ କରିଥାଏ । ଖାତାବୁକ୍‌ର 'ମାଇଁଷ୍ଟୋର୍' ଆପ୍ ୧୩ଟି ଭାରତୀୟ ଭାଷାରେ ଉପଲବ୍ଧ ଯାହା ବ୍ୟବହାରର ସହଜତା ଓ ସର୍ବଭାରତୀୟ ଗ୍ରହଣୀୟତାକୁ ସୁନିଶ୍ଚିତ କରୁଛି । ଏହି ଆପ୍ ବ୍ୟବସାୟୀମାନଙ୍କୁ ସାମାଜିକ ଦୂରତା ନିୟମ ବଜାୟ ରଖି ବ୍ୟବସାୟ ଜାରି ରଖିବାକୁ ସକ୍ଷମ କରିଥାଏ । ମାଇଁଷ୍ଟୋର୍ ଆପ୍‌କୁ ପୂର୍ବରୁ ଦେଶର ୨୫ ଲକ୍ଷରୁ ଅଧିକ ବ୍ୟବସାୟୀ ଇନ୍‌ଷ୍ଟଲ କରିଛନ୍ତି । ଏହି ଆପ୍‌ରେ ଫ୍ଲାଗ୍‌ସିପ୍ ବା ମୂଳ ଖାତାବୁକ୍ ଆପ୍‌ର ୟୁଜର୍ ଆଧାରର ଏକ ତୃତୀୟାଂଶରୁ ଅଧିକ ୟୁଜର୍ ପ୍ରୋଫାଇଲ ସଂଲଗ୍ନ ଥିବା ଅନୁମାନ କରାଯାଉଛି । ଏହି ଆପ୍‌ର ଲଂଚ୍ ଅବସରରେ ସହପ୍ରତିଷ୍ଠାତା ତଥା ସିଇଓ ରବିଶ ନରେଶ କହିଛନ୍ତି, ଆମେ ନିରନ୍ତର ଭାବେ ଦକ୍ଷତା ବୃଦ୍ଧି ସହିତ ଭାରତର ଏମ୍‌ଏସ୍‌ଏମ୍‌ଇ ବର୍ଗ ପାଇଁ ବ୍ୟବସାୟ ସଂଚାଳନ ଖର୍ଚ୍ଚକୁ ହ୍ରାସ କରିବା ଲାଗି ଉପାୟ ଖୋଜୁଛୁ । ମାଇଁଷ୍ଟୋର ଆପ୍‌ର ଉନ୍ମୋଚନ ଏହି ଉଦ୍ଦେଶ୍ୟ ଉପରେ ଆଧାରିତ ଏବଂ ଏହା ଡିଜିଟାଲ ଯୁଗରେ ବ୍ୟବସାୟ କରିବାର ଏକ ଅଧିକ ବିକଶିତ ଉପାୟ ପାଇଁ ଅଫର୍ ଓ ଏକ ଦୃଢ ବୈଷୟିକ ଭିତିଭୂମି ପ୍ରଦାନ କରୁଛି । ମାଇଁଷ୍ଟୋର୍ ଆପ୍‌କୁ ବ୍ୟବହାର କରିବା ଲାଗି ପ୍ରଥମେ ଏହାକୁ ଡାଉନ୍‌ଲୋଡ୍ କରନ୍ତୁ । ପରେ ଏଥିରେ ନାମ, ଉତ୍ପାଦ ଓ ମୂଲ୍ୟ ପରି ବ୍ୟବସାୟ ସମ୍ବନ୍ଧିତ ତଥ୍ୟ ଦିଅନ୍ତୁ । ନିଜ ପସନ୍ଦର ଯୋଗାଯୋଗ ଚ୍ୟାନେଲ ମାଧ୍ୟମରେ ଗ୍ରାହକଙ୍କ ସହିତ ଷ୍ଟୋର୍ ଲିଙ୍କ୍ ନିୟୋଜିତ କରନ୍ତୁ ଓ ବିକ୍ରି ଆରମ୍ଭ କରନ୍ତୁ । ଖାତାବୁକ୍ ଆପ୍‌ର ମାସିକ ସକ୍ରିୟ ଉପଭୋକ୍ତା ଆଧାର ୮୦ ଲକ୍ଷ ରହିଥିବା ବେଳେ ଏହା ପାରମ୍ପରିକ ବ୍ୟବସାୟ ଉଧାର ଖାତାବହି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ କରି ଏମ୍‌ଏସ୍‌ଏମ୍‌ଇ ଶିଳ୍ପରେ ସୁଧଶର ଆଣିଛି । ଏହି ଆପ୍ କିରାନା ଷ୍ଟୋରଠାରୁ ଆରମ୍ଭ କରି ମୋବାଇଲ ରିଚାର୍ଜ ଦୋକାନ, ଗାରମେଂଟ୍ ଡିଲର ଓ ଜୁଏଲର୍ସ ପର୍ଯ୍ୟନ୍ତ ପ୍ରାୟ ୫୦୦ରୁ ଅଧିକ ପ୍ରକାରର ବ୍ୟବସାୟକୁ ସେବା ପ୍ରଦାନ କରୁଛି ।

# ନ୍ୟୁହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ଓ୍ୱାରେଟିଂ ଘୋଷଣା

ଭୁବନେଶ୍ୱର : ପୃଥିବୀର ଅଗ୍ରଣୀ ଏଗ୍ରିକଲଚର ବ୍ରାଣ୍ଡ୍ ନ୍ୟୁ ହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ଭାରତରେ ଏହାର ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ଓ୍ୱାରେଟିଂ ଘୋଷଣା କରାଯାଇଛି । ପ୍ରଥମ କରି ନ୍ୟୁ ହଲାଣ୍ଡ ପକ୍ଷରୁ ଏଭଳି ସୁବିଧା ଗ୍ରାହକଙ୍କ ପାଇଁ ଘୋଷଣା କରାଯାଇଛି । କମ୍ପାନୀ ପକ୍ଷରୁ ୬ ବର୍ଷ ଏବଂ ୬୦୦୦ ଘଂଟାର ଓ୍ୱାରେଂଟି ପଲିସି ୨୦୨୦ ଅକ୍ଟୋବର ୨ଠାରୁ ଲାଗୁ ହୋଇଛି । ଏହି ଓ୍ୱାରେଂଟି ସୁବିଧା ସହଜରେ ରିସେଲ୍ ସମୟରେ ବିକ୍ରେତାଙ୍କଠାରୁ କ୍ରେତାଙ୍କ ପାଖକୁ ଟ୍ରାନ୍ସଫର୍ ମଧ ହୋଇପାରିବ । ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତ ଏବଂ ସାର୍କର ପରିଚାଳନା ନିର୍ଦ୍ଦେଶକ ତଥା କଂଟ୍ରି ହେଡ୍ ରୌନକ୍ ବର୍ମା କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ଜ୍ଞାନକୌଶଳ, ବିଶ୍ୱାସନୀୟତା ଏବଂ ଗୁଣବର୍ତା ପାଇଁ ଖ୍ୟାତି ହାସଲ କରିପାରିଛି । ଆମେ ଆମର ଉତ୍ପାଦ ଉପରେ ବେଶ୍ ନିଶ୍ଚିତ । ତେଣୁ ଆମେ ୬ ବର୍ଷର ଓ୍ୱାରେଂଟି ସୁବିଧା ଭାରତରେ ସମସ୍ତ ଟ୍ରାକ୍ଟର ଉପରେ ଘୋଷଣା କରିଛୁ । ଦେଶର କୃଷକମାନଙ୍କ ପ୍ରତି ଥିବା ଆମର ପ୍ରତିଶ୍ରୁତି ବଦ୍ଧତାକୁ ଏହା ସୂଚିତ କରୁଛି । ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତର ସେଲସ୍ ନିର୍ଦ୍ଦେଶକ ବିମଲ କୁମାର କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ପକ୍ଷରୁ ଘୋଷଣା କରାଯାଇଥିବା ୬ ବର୍ଷର ଟି-ଓ୍ୱାରେଂଟି ଆମର ଶ୍ରେଷ୍ଠ ଜ୍ଞାନକୌଶଳକୁ ପ୍ରତିପାଦିତ କରିବାକୁ ସକ୍ଷମ ହୋଇଛି । ଏହି ଓ୍ୱାରେଂଟି ସୁବିଧା ପରବର୍ତୀ କ୍ରେତାଙ୍କ ପାଖକୁ ସହଜରେ ଟ୍ରାନ୍ସଫର ହୋଇପାରିବ । ନ୍ୟୁ ହଲାଣ୍ଡ ଏଗ୍ରିକଲଚର ଶ୍ରେଷ୍ଠ ଜ୍ଞାନକୌଶଳଯୁକ୍ତ ଟ୍ରାକ୍ଟର ଉପଲବ୍ଧ କରାଯାଇଥାଏ । ଏହା ସହିତ ସମସ୍ତ ଚାଷ ଉପକରଣ ଚାଷ ଜମି ପ୍ରସ୍ତୁତିଠାରୁ ଆରମ୍ଭ କରି ଫସଲ ଅମଳ ପର୍ଯ୍ୟନ୍ତ ଉପଲବ୍ଧ କରାଇଥାଏ । ଏହା ଘାସ ଏବଂ ଚାରା ରୋପଣ ଉପକରଣ, ପ୍ଲାଂଟର, ବାଲେର, ସ୍ପ୍ରେୟର, ଟିଲର ଉପକରଣ ଆଦି ପ୍ରସ୍ତୁତ କରିଥାଏ । କମ୍ପାନୀର ଟ୍ରାକ୍ଟର ରେଞ୍ଜ ଉନ୍ନତ ଜ୍ଞାନକୌଶଳ ଆଧାରରେ ନିର୍ମିତ । ଏଗୁଡ଼ିକ ବିଶେଷ ଶକ୍ତିଶାଳୀ ଏବଂ ଏହାର ଇଞ୍ଜିନ୍ ଇନ୍ଧନ ସଂଚୟକାରୀ । ଭାରତବ୍ୟାପି କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ଆବଶ୍ୟକ ତାଲିମ୍ ବିକ୍ରି ପରବର୍ତୀ ସେବା ଅନ୍ତର୍ଗତ ମଧ ଯୋଗାଇ ଦିଆଯାଇଥାଏ ।

# ଫୋନ୍‌ପେ ପକ୍ଷରୁ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଡିଜିଟାଲ ପେମେଂଟ୍ ପ୍ଲାଟ୍‌ଫର୍ମ ଫୋନ୍‌ପେ ପକ୍ଷରୁ ଆଜି ବଜାଜ୍ ଆଲିଏନ୍ସ ଜେନେରାଲ ଇନ୍ସ୍ୟୁରାନ୍ସ ସହ ଘରୋଇ କାର୍ ଓ ଦୁଇଚକିଆ ଯାନ ମାଲିକଙ୍କ ପାଇଁ ନିଜ ପ୍ଲାଟ୍‌ଫର୍ମରେ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ ଉତ୍ପାଦର ଶୁଭାରମ୍ଭ କରାଯାଇଛି । ଏହାଦ୍ୱାରା ୨୩୦ ମିଲିୟନରୁ ଅଧିକ ଫୋନ୍‌ପେ ଉପଭୋକ୍ତା ବିନା କୌଣସି ବାଧାରେ ୨ ମିନିଟ୍ ମଧ୍ୟରେ ନିଜ କାର୍ ଓ ବାଇକ୍‌ର ଇନ୍‌ସ୍ୟୁରାନ୍ସ କରିପାରିବେ । ଏହା କିଣିବା ପାଇଁ ସେମାନଙ୍କୁ କୌଣସି ଡକ୍ୟୁମେଂଟ୍ ଅପ୍‌ଲୋଡ୍ କରିବାର ଆବଶ୍ୟକତା ନାହିଁ ଏବଂ ଏଥିସହିତ ସେମାନେ ଆପ୍‌ରେ ତତ୍କାଳ ନିଜର ବୀମା କାଗଜପତ୍ର ମଧ ଦେଖିପାରିବେ । ଫୋନ୍‌ପେର କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ ଉତ୍ପାଦ ବର୍ତମାନର ବଜାର ଦର ଅନୁଯାୟୀ ଉପଲବ୍ଧ ସବୁଠାରୁ ଶସ୍ତା ଉତ୍ପାଦ ମଧ୍ୟରୁ ଅନ୍ୟତମ । ଫୋନ୍‌ପେ'ରେ କାର୍ ଓ ବାଇକ୍ ଇନ୍‌ସ୍ୟୁରାନ୍ସ କରିଥିବା ଗ୍ରାହକମାନେ ବାଧାମୁକ୍ତ ନବୀକରଣ, ଦେଶବ୍ୟାପୀ ଗ୍ୟାରେଜ୍‌ରେ କ୍ୟାଶଲେସ୍ ମରାମତି ଓ ମେଂଟେନାନ୍ସ ସର୍ଭିସ୍ ଓ ୨୦ ମିନିଟ୍ ମଧ୍ୟରେ ସ୍ମାର୍ଟଫୋନ୍-ସାମର୍ଥ୍ୟ କ୍ଲେମ୍ ସେଟେଲ୍‌ମେଂଟ୍ ସୁବିଧା ପାଇପାରିବେ । ଫୋନ୍‌ପେ ଉପଭୋକ୍ତାମାନେ ନିଜର ଆବଶ୍ୟକତା ମୁତାବକ କାର୍ ଇନ୍ସ୍ୟୁରାନ୍ସ ଯୋଜନାର ମୂଲ୍ୟ ଯେପରିକି ଶୂନ୍ୟ ମୂଲ୍ୟହ୍ରାସ, ୨୪ଙ୍କ୭ ରୋଡ୍‌ସାଇଡ୍ ସହାୟତା ଓ ଇଞ୍ଜିନ୍ ସୁରକ୍ଷାକୁ ଅନୁକୂଳିତ କରିପାରିବେ । ଶୂନ୍ୟ ମୂଲ୍ୟ ହ୍ରାସ ଯାନବାହନକୁ ଏହାର ଅଂଶର ମୂଲ୍ୟରେ ବାର୍ଷିକ ମୂଲ୍ୟ ହ୍ରାସ ଚିନ୍ତା ନକରି ସୁରକ୍ଷା କରିବାରେ ସାହାଯ୍ୟ କରିଥାଏ ଓ ସମ୍ପୂର୍ଣ୍ଣ କ୍ଲେମ୍ ରାଶି ପେମେଂଟ୍ କରିଥାଏ, ଯାହାଦ୍ୱାରା ଗ୍ରାହକଙ୍କୁ କୌଣସି ଅର୍ଥ ଖର୍ଚ୍ଚ କରିବାକୁ ପଡିନଥାଏ । ଏସମ୍ପର୍କରେ ଫୋନ୍‌ପେ ଇନ୍ସ୍ୟୁରାନ୍ସ ବିଭାଗର ଉପାଧକ୍ଷ ଓ ମୁଖ୍ୟ ଗୁଞ୍ଜନ ଘାଇ କହିଛନ୍ତି, "ଏହି ଦୁଇ ଉତ୍ପାଦ ଗ୍ରାହକଙ୍କ ସମସ୍ତ ଇନ୍ସ୍ୟୁରାନ୍ସ ଆବଶ୍ୟକତା ପାଇଁ ଗୋଟିଏ ବନ୍ତବ୍ୟସ୍ଥଳ ଓ ଆମର ଲକ୍ଷ୍ୟ ଅନୁରୂପ ଅଟେ । ଆମର ଲକ୍ଷ୍ୟସ୍ଥଳରେ ପହଂଚିବା ଓ ଗ୍ରାହକଙ୍କ ଦୃଷ୍ଟିକୋଣ ସହିତ ଆମେ ମୋଟର ଇନ୍ସ୍ୟୁରାନ୍ସ କିଣିବା ପାଇଁ ଏକ ସରଳ, ଶୀଘ୍ର ଓ ସୁବିଧାଜନକ ଉପାୟ ପ୍ରଦାନ କରୁଛୁ ଓ ସୁଗମ ନବୀକରଣ ମଧ ସକ୍ଷମ କରିଛୁ ।" ସେହିପରି ବଜାଜ ଆଲିଆନ୍ସ ଜେନେରାଲ ଇନ୍ସ୍ୟୁରାନ୍ସର ଓ୍ୱେବ୍ ସେଲ୍‌ଓ ଓ ଟ୍ରାଭେଲ୍‌ର ଅଧିକକ୍ଷ ଓ ମୁଖ. ସୌରଭ ଚାଟାର୍ଜୀ କହିଛନ୍ତି, "ଆମେ ସବୁବେଳେ ପ୍ରୟାସ କରିଥାଉ ବଜାରରେ ଏଭଳି ବୀମା ଉତ୍ପାଦ ଉପଲବ୍ଧ କରିବା ପାଇଁ, ଯାହା ଗ୍ରାହକଙ୍କ ପାଇଁ ସରଳ, ବୁଝିବାରେ ସହଜ, କ୍ରୟ ଓ ଦାବି କରିବା ପାଇଁ ସହଜ ହୋଇପାରିବ । ଡିଜିଟାଲ ପ୍ଲାଟ୍‌ଫର୍ମ ପ୍ରଦାନକାରୀଙ୍କ ସହ ଆମର ସହଭାଗିତା ସେହି ଦିଗରେ ଆଉ ଏକ ଛୋଟ କିନ୍ତୁ ବିଶାଳ ପଦକ୍ଷେପ । ଭବିଷ୍ୟତରେ ଆମେ ଏହି ପ୍ଲାଟ୍‌ଫର୍ମ ଅନେକ ନୂତନ ଓ ଅଭିନବ ଉତ୍ପାଦ ଗୁନିକ ଶୁଭାରମ୍ଭ କରିବୁ । ଫୋନ୍‌ପେର ଉପଭୋକ୍ତାମାନେ ସେମାନଙ୍କର ବାଇକ୍ ଓ କାରଗୁଡିକୁ କିଛି ସରଳ ପଦକ୍ଷେପରେ ବୀମାଭୁକ୍ତ କରିପାରିବେ ।

# ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ

ଭୁବନେଶ୍ୱର: ବିଏମଡ୍‌ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ପକ୍ଷରୁ ଆଜି ଭାରତରେ ଏହାର ନୂଆ ବିଏମଡ୍‌ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ୍‌ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରାଯାଇଛି । ବିଏମଡ୍‌ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ୍‌ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରିଥିବା ଭାରତ ହେଉଛି ପ୍ରଥମ ଦେଶ । ଉଭୟ ମୋଟରସାଇକେଲ୍ ବିଏମଡ୍‌ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ଡିଲରସିପ୍‌ଗୁଡିକରେ ଆଜିଠାରୁ ଉପଲବ୍ଧ ହେବ । ନୂଆ ବିଏମଡ୍‌ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ୍‌ବ୍ଲ୍ୟୁ ଜି୩୧୦ଜିଏସରକୁ ଜର୍ମାନୀର ମ୍ୟୁନିକ୍‌ଠାରେ ବିଏମଡ୍‌ବ୍ଲ୍ୟୁ ମୋଟୋରାଡ୍ ଦ୍ୱାରା ବିକଶିତ କରାଯାଇଥିବା ବେଳେ ଏହାକୁ ଭାରତର ହୋସୁର୍‌ଠାରେ କୋ-ଅପରେଶନ ପାର୍ଟନର ଟିଭିଏସ୍ ମୋଟର କମ୍ପାନୀ ଦ୍ୱାରା ସ୍ଥାନୀୟ ଭାବେ ବିଏସ-ଭିଆଇ ନିୟମ ଅନୁଯାୟୀ ଉତ୍ପାଦନ କରାଯାଇଛି । ଏହାର ଏକ୍ସ-ଶୋ'ରୁମ୍ ମୂଲ୍ୟଗୁଡିକ ଯେପରିକି ବିଏମଡ୍‌ବ୍ଲ୍ୟୁ ଜି୩୧୦ଆର ମାତ୍ର ୨,୪୫,୦୦୦ରେ ଏବଂ ବିଏମଡ୍‌ବ୍ଲ୍ୟୁ ଜି୩୧୦ଜିଏସ ମାତ୍ର ୨,୮୫,୦୦୦ରେ ଉପଲବ୍ଧ ହେଉଛି । ନୂଆ ବିଏମଡ୍‌ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ୍‌ବ୍ଲ୍ୟୁ ଜି୩୧୦ଜିଏସ ଏବେ ବିଏମଡ୍‌ବ୍ଲ୍ୟୁ ଇଣ୍ଡିଆ ଫାଇନାନ୍ସିଆଲ ସର୍ଭିସେସ୍ ମାଧ୍ୟମରେ ଯଥାକ୍ରମେ ମାତ୍ର ୪,୫୦୦ ଏବଂ ୫,୫୦୦ ରୁ ଆରମ୍ଭ ହେଉଥିବା ସମସ୍ତ-ଇନ୍‌କ୍ଲୁସିଭ୍ ମାସିକ ଇନ୍‌ଷ୍ଟଲ୍‌ମେଂଟ୍ ସହିତ ଆକର୍ଷଣୀୟ ଫାଇନାନ୍ସ ସ୍କିମ୍ ବା ଋଣ ଯୋଜନାରେ ଉପଲବ୍ଧ ହେଉଛି । ଏସମ୍ପର୍କରେ ବିଏମଡ୍‌ବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ପ୍ରେସିଡେଂଟ୍, ବିକ୍ରମ ପାୱା କହିଛନ୍ତି, ବିଶ୍ୱସ୍ତରରେ ବିଏମଡ୍‌ବ୍ଲ୍ୟୁ ମୋଟୋରାଡ୍ ଉଭୟ ବିଏମଡ୍‌ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ୍‌ବ୍ଲ୍ୟୁ ଜି୩୧୦ଜିଏସ ସହିତ ଦ୍ରୁତ ଅଭିବୃଦ୍ଧିଶୀଳ ସବ -୫୦୦ ସିସି ସେଗ୍‌ମେଂଟ୍‌ରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି । ହଜାର ହଜାର ଚାଳକ ଓ ଉତ୍ସାହୀମାନଙ୍କ ପାଇଁ,



ବିଏମଡ୍‌ବ୍ଲ୍ୟୁ ଜି୩୧୦ଆର ଶୁଦ୍ଧ ମୋଟରସାଇକ୍ଲିଙ୍ଗ୍‌କୁ ଦୈନନ୍ଦିନ ଜୀବନ ପାଇଁ ପୁନଃପରିଭାଷିତ କରିଥିଲା । ସେହିପରି ଆଡ୍‌ଭେଂଚର୍ ଓ ଆନନ୍ଦ ଚାହୁଁଥିବା ଚାଳକଙ୍କ ପାଇଁ ଅଫ୍-ବିଟ୍ ଟ୍ରାକ୍ ନେବା ପାଇଁ ଏକ ଉପଯୁକ୍ତ କାରଣ ପ୍ରଦାନ କରିଥିଲା । ନିଜର ନୂତନ ଅବତତାରରେ ଉଭୟ ମୋଟରସାଇକେଲ୍‌ରେ ଆକର୍ଷଣୀୟ ଡିଜାଇନ୍ ମୋଡିଫିକେସନ, ନୂତନ ଟେକ୍ନୋଲୋଜି ଓ ଉନ୍ନତ ରାଇଡିଙ୍ଗ ଡାଇନାମିକ୍ସକୁ ସାମିଲ କରାଯାଇଛି । ଆମେ ଉଭୟ ବାଇକ୍‌କୁ ଏକ ଆକର୍ଷଣୀୟ ମୂଲ୍ୟ, ଅତୁଳନୀୟ ମାସିକ କିସ୍ତି ଓ ମାଲିକାନା ମୂଲ୍ୟ ହ୍ରାସ ସହ ଶୁଭାରମ୍ଭ କରିଥିଲୁ । କ୍ଲୋଜ୍-ନିଟ୍ ଓ ପ୍ୟାସୋନେଟ୍ ବିଏମଡ୍‌ବ୍ଲ୍ୟୁ ମୋଟୋରାଡ୍ ସମୁଦାୟର ଏକ ଅଂଶ ହେବା ଲାଗି ଏହା ହେଉଛି ଏକ ଚିତାକର୍ଷକ ଆମନ୍ତ୍ରଣ । ଏହା ଏହାଠାରୁ ଅଧିକ ଭଲ ହୋଇପାରିବ ନାହିଁ । ତେଣୁ ଆଗକୁ ବଢନ୍ତୁ ଓ 'ମେକ୍ ଲାଇଫ୍ ଏ ରାଇଡ୍' ।" ନୂଆ ବିଏମଡ୍‌ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ୍‌ବ୍ଲ୍ୟୁ ଜି୩୧୦ଜିଏସ, ବିଏମଡ୍‌ବ୍ଲ୍ୟୁ ମୋଟୋରାଡ୍ ର ପ୍ରିମିୟମ ଡିଲର ନେଟ୍‌ଓ୍ୱର୍କ ମାଧ୍ୟମରେ ବିକ୍ରି ହେବ ଓ ସର୍ଭିସ୍ କରାଯିବ, ଯାହାକି ଦିଲ୍ଲୀ (ଲ୍ୟୁଟିଏନ୍ସ ମୋଟୋରାଡ୍), ମୁମ୍ବାଇ (ନବ୍‌ନୀତ ମୋଟର୍ସ), ପୁନେ (ବାଭାରିଆ ମୋଟର୍ସ),ଚେନ୍ନାଇ (କେୟୁଏନ ମୋଟୋରାଡ୍), ବେଙ୍ଗାଲୁରୁ (ଟସ୍କର ମୋଟୋରାଡ), ଅହମ୍ମଦାବାଦ (ଗ୍ୟାଲୋପ୍ସ ଅଟୋହାଉସ୍), କୋଚି (ଇଭିଏମ ଅଟୋକ୍ରାଫ୍ଟ), ହାଇଦ୍ରାବାଦ (ଜେଏସପି ମୋଟୋରାଡ୍), ଇନ୍ଦୋର (ମ୍ୟୁନିକ୍ ମୋଟର୍ସ), ଲକ୍ଷ୍ନୌ (ସ୍ପିଡ୍ ମୋଟର୍ସ), ଚଣ୍ଡୀଗଡ (କ୍ରିଷ୍ଣା ଅଟୋମୋବାଇଲ୍ସ), ଜୟପୁର (ପ୍ରତାପ ମୋଟୋରାଡ୍), ରାୟପୁର (ମନ୍ଧନ ମୋଟର୍ସ), କଟକ (ଓଏସଏଲ ପ୍ରେଷ୍ଟିଜ୍),(ଓଏସଏଲ ପ୍ରେଷ୍ଟିଜ୍),ଓ ରାଂଚି (ଟାଇଟାନିୟମ ଅଟୋସ୍) ଭଳି ଭାରତର ପ୍ରମୁଖ ସହରଗୁଡିକରେ ଉପସ୍ଥିତ ରହିଛି ।




# ବିଜୁ ପଟ୍ଟନାୟକଙ୍କ ୨୫ତମ ଶ୍ରାଦ୍ଧ ଦିବସ ପାଳିତ

ପାରାଦୀପ (ପିଏନ୍)- ପ୍ରବାଦ ପୁରୁଷ ମହାନ ଜନନାୟକ,ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୫ ତମ ଶ୍ରାଦ୍ଧ ଦିବସ ପାରାଦୀପର ବିଜୁ ପଟ୍ଟନାୟକ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ରବିବାର ଦିନ ବିଭିନ୍ନ କାର୍ଯ୍ୟକ୍ରମ ସହିତ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳେ ନେହେରୁ ବଙ୍ଗଳା ମହାନଦୀ ମୁହାଣ ଠାରେ ଟ୍ରଷ୍ଟ ପକ୍ଷରୁ ତିଳ ତର୍ପଣ ହୋଇଥିଲା । ଏହା ପରେ ଅଠରବାଙ୍କୀସ୍ଥିତ ବିଜୁ ଉଦ୍ୟାନ ଠାରେ ବିଜୁ ବାବୁଙ୍କ ପୂର୍ଣ୍ଣ ଅବୟକ ରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ହୋଇଥିଲା । ପାରାଦୀପ ବନ୍ଦରର ଅଧ୍ୟକ୍ଷ ପି.ଏଲ୍.ହରନାଦଙ୍କ ସମେତ ପାରାଦୀପ ବନ୍ଦରର ଅଧିକାରୀମାନେ ଯୋଗ ଦେଇ ବିଜୁ ବାବୁଙ୍କ ପ୍ରତି ଶ୍ରଦ୍ଧାସୁନ ଅର୍ପଣ କରିଥିଲେ । ପାରାଦୀପର ମାନ୍ୟବର ବିଧାୟକ ସମ୍ବିତ ରାଉତରାୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପାରାଦୀପର ନଗରପାଳ ତଥା ବିଜୁ ମେମୋରିଆଲ୍ ଟ୍ରଷ୍ଟର ସାଧାରଣ ସମ୍ପାଦକ ବସ' ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ସମ୍ପାଦକ ସ'ୋଷ କୁମାର ପଟ୍ଟନାୟକ, ବରିଷ୍ଠ ବିଜେଡି ନେତା କୁମରବର ନାୟକ, ଉଲ୍ଲାସ ବିଶ୍ୱାଳ, ଶଙ୍କର ପ୍ରସାଦ ରାଉତଙ୍କ ସମେତ ପାରିଷଦମାନେ ଉପସ୍ଥିତ ଥିଲେ । ଅପରାହ୍ନରେ ନୂଆବଜାରସ୍ଥିତ ଟ୍ରଷ୍ଟ କାର୍ଯ୍ୟାଳୟରେ ସ୍ମୃତି ସଭା ଆୟୋଜିତ ହୋଇଥିଲା । ଏହି ସ୍ମୃତି ସଭାରେ ସଭାପତିତ୍ୱ କରିଥିଲେ ପାରାଦୀପର ନଗରପାଳ ତଥା ବିଜୁ ମେମୋରିଆଲ୍ ଟ୍ରଷ୍ଟର ସାଧାରଣ ସମ୍ପାଦକ ବସ' ବିଶ୍ୱାଳ । ପାରାଦୀପର ମାନ୍ୟବର ବିଧାୟକ ସମ୍ବିତ ରାଉତରାୟ ସ୍ମୃତି ସଭାରେ ଯୋଗ ଦେଇ ସ୍ୱର୍ଗତ ବିଜୁ ବାବୁଙ୍କ ସ୍ମୃତି ଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେଡି ରାଜ୍ୟ ସମ୍ପାଦକ ସ'ୋଷ କୁମାର ପଟ୍ଟନାୟକ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ସବିତା ମହାପାତ୍ର, ଜିଲ୍ଲା ବିଜେଡି ଉପସଭାପତି କୁମରବର ନାୟକ,ପାରାଦୀପ ନଗର ବିଜେଡି ମହିଳା ସଭାନେତ୍ରୀ ଚପଳା ସ୍ୱାଇଁ, ଆଇନଜୀବୀ ସୁରେଶ ଚନ୍ଦ୍ର ଦାସ, ବରିଷ୍ଠ ବିଜେଡି ନେତା ରଂଜନ କୁମାର ଦାସ ପ୍ରମୁଖ ଯୋଗ ଦେଇ ବିଜୁ ବାବୁଙ୍କ ତ୍ୟାଗପୂତ ଜିବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନା କରିଥିଲେ । ଶେଷରେ ଯୁବ ନେତା ସୁଶୀଲ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହା ପରେ ଉପସ୍ଥିତ ଦଳୀୟ କର୍ମୀମାନେ ସଙ୍କଳ୍ପ ପାଠ କରିଥିଲେ । ଚଳିତ ଥର ନିରାଡମ୍ବର ଭାବେ ସ୍ମୃତି ସଭାର ଆୟୋଜନ କରାଯାଇଥିଲା । ଏତେ ବି ଯାକଯମକ ଦେଖିବାକୁ ମିଳିନଥିଲା, ଯାହାକି ପୂର୍ବ ବର୍ଷମାନଙ୍କରେ ଆଡମ୍ବରପୂର୍ଣ୍ଣ ଭାବେ ଆୟୋଜିତ ହେଉଥିଲା। ପୌର ନିର୍ବାଚନରେ ଦଳର ବିଫଳତା ଏହି ଆୟୋଜନରୁ ସ୍ପଷ୍ଟ ବାରି ହୋଇ ପଡୁଥିଲା । ଦଳରେ ଏକମନ ଏକପ୍ରାଣ ଦେଇ କାମ କରିବାକୁ ଖୋଦ୍ ବିଧାୟକଙ୍କ ଉପସ୍ଥିତିରେ ସଂକଳ୍ପ ନେଇଥିବା ଦଳୀୟ କର୍ମୀମାନେ ଆଗାମୀ ଦିନରେ ଏକ ହୋଇ କାମ କରିବେ ତ ? ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ପ୍ରବାଦପୁରୁଷ ବିଜୁବାବୁଙ୍କ ଶ୍ରାଦ୍ଧ ବାର୍ଷିକୀରେ ରକ୍ତଦାନ ଶିବିର,୩୪ ୟୁନିଟ ସଂଗ୍ରହ



ଖୋର୍ଦ୍ଧା (ପିଏନ)- ପ୍ରବାଦପୁରୁଷ, ମହାଜନ ନାୟକ ବିଜୁବାବୁଙ୍କ ୨୫ ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ବେଗୁନିଆ ସଦର ମହକୁମାର ବ୍ଲକ ସଲଗ୍ନ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଖୋର୍ଦ୍ଧା ଜିଲ୍ଲା ବିଜୁ ଛାତ୍ର ଜନତା ଦଳର ତତ୍ୱାବଧାନରେ ମୋ ପରିବାର ଜୀବନ ବିନ୍ଦୁ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରୁ ମୋଟ ୩୪ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଓଡିଶା ଖୋର୍ଦ୍ଧା ରକ୍ତଭଣ୍ଡାର ଅଧିକାରୀ ଡଃ ସୌରଭ ସୁନ୍ଦର ରାୟ,ଲାବଟେକନିସିଆନ ଅରୁଣ କୁମାର ସାହୁ ,ବିଚିସ୍ମିତା ପୁହାଣ ଓ ଷ୍ଟାଫ ନର୍ସ ଝାନସିରାଣୀ ପାତ୍ର ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଏହି କାର୍ଯ୍ୟକ୍ରମ ସ୍ଥାନୀୟ ପଂଚାୟତର ନବ ନିର୍ବାଚିତ ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହଙ୍କ ସଂଯୋଜନାରେ କରିଥିଲେ ।ଏଥିରେ ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ କୁମାର ପରିଡା,ଛାତ୍ର ବିଜେଡି ସଭାପତି ବିଶ୍ୱଦୀପ ପ୍ରଧାନ, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅମିତ ମହାରଣା,ଲିପୁନା ଭଟ୍ଟ ପ୍ରମୁଖ ଯୋଗ ଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଜୁ ଯୁବ ଛାତ୍ର ଜନତା ଦଳର କର୍ମକର୍ତ୍ତା ବିଜୟାନନ୍ଦ ମହାପାତ୍ର,ଦେବୀ ପ୍ରସାଦ ଦାସ,ସୁନିଲ ବଳିୟାରସିଂହ,ଗୌତମ ସ୍ୱାଇଁ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଶ୍ରୀଧର ମହାଁ ଓ ସୁଶାନ୍ତ ରଣା ପ୍ରମୁଖ ପରିଚାଳନା କରିଥିଲେ ।

# ଯାଜପୁର ନଗର କଂଗ୍ରେସ ପକ୍ଷରୁ ସମୀକ୍ଷା ବୈଠକ



ଯାଜପୁର (ପିଏନ୍): ଯାଜପୁର ନଗର କଂଗ୍ରେସ ପକ୍ଷରୁ ସଦ୍ୟ ସମାପ୍ତ ଯାଜପୁର ପୌରପାଳିକା ନିର୍ବାଚନ ପରିପ୍ରେକ୍ଷୀରେ ଏକ ସମୀକ୍ଷା ବୈଠକ ନଗର କଂଗ୍ରେସ ସଭାପତି ନାରାୟଣ ଚନ୍ଦ୍ର ସାମଲଙ୍କ ଅଧକ୍ଷତାରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ୧୮ଗୋଟି ୱାର୍ଡ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନେ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। କଂଗ୍ରେସ ଦଳ ପକ୍ଷରୁ ପ୍ରତିଦ୍ୱନ୍ଦିତାରେ ଅବତୀର୍ଣ୍ଣ ହୋଇଥିବା ପୌରାଧକ୍ଷା ପ୍ରାର୍ଥିନୀ ପ୍ରିୟାଦର୍ଶିନୀ ସାମନ୍ତ ଏବଂ ସମସ୍ତ କାଉନସିଲର ପ୍ରାର୍ଥି ଓ ପ୍ରାର୍ଥିନୀମାନେ ଯୋଗଦେଇ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଯାଜପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଆଗାମୀ ଦିନରେ ପ୍ରତ୍ୟେକ ୱାର୍ଡରେ କଂଗ୍ରେସ ସଂଗଠନକୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ପୂର୍ବତନ ଏମ.ପି. ଅଂଚଳ ଦାସ, ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ, ରାଜୀବ ମହାପାତ୍ର, ବିଭୂତିଭୂଷଣ ମହାପାତ୍ର, ଅବଦୁଲ ସଲିମ, ଦୁର୍ଯ୍ୟୋଧନ ବେହେରା, ଦିଲ୍ଲୀପ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ଜେନା, ସଂଗ୍ରାମ ଜେନା, ଆଲୋକ ବେହେରା, ଭରତ ଚନ୍ଦ୍ର ବେହେରା, ଚନ୍ଦନା ମହାପାତ୍ର, ସନ୍ତୋଷ କୁମାର ବେହେରା, ପୂଜାରାଣୀ ନାୟକ, ସବିତା ମହାନ୍ତି, ଅନୁସୂୟା ବିଶ୍ୱାଳ, ଭରତ ସେନାପତି, ଗଜେନ୍ଦ୍ର ସେଠୀ, ସ୍ୱପ୍ନା ଦାସ, ବିଦ୍ୟାଧର ବାରିକ, ସତ୍ୟବତୀ ବେହେରା, ସୁବ୍ରତ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ସାହୁ, ଚକ୍ରଧର ଦାସ, ମହମ୍ମଦ ଅବଦୁର ରଫିକ୍, କବିରନ୍ ବିବି, ଅରଜିତ ନାୟକ, ଅନିଲ ମହାନ୍ତି, ଯଯାତି ନାୟକ, ପ୍ରଦୀପ ବେହୁରିଆ, କୁମାର ଆଶୁତୋଷ, ନବକିଶୋର ସାହୁ, ବିଜୟ ମହାପାତ୍ର, ରଘୁନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା କଂଗ୍ରେସ ସାଧାରଣ ସଂପାଦକ ହୃଷିକେଶ ପତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ୩୦ ହଜାର ଟଙ୍କା ମୂଲ୍ୟର ପିଆଶାଳ କାଠ ଜବତ

କେନ୍ଦୁଝର (ପିଏନ୍): ଭୂୟାଁ ଜୁଆଙ୍ଗ ପୀଢରେ ଶୁଆକାଟୀ ସେକ୍ସନ ନୟାକୋଟ ବିଟ୍ ମୁରସୁଆଁରେ ବନ ବିଭାଗ ପକ୍ଷରୁ ଚଢାଉ କରାଯାଇ ଜଣେ ଲୋକଙ୍କ ଘରୁ ୨୫ଟି ପିଆଶାଳ ପଟ୍ଟା ଜବତ୍ କରାଯାଇଛି। ଏକ ସୂଚନା ଆଧାରରେ ଏକ ସ୍କ୍ୱାର୍ଡ ଗଠନ କରି ଅତର୍କିତ ଭାବେ ଜଣଙ୍କ ଘରେ ମହଜୁଦ ଥିବା ୨୫ଟି ପିଆଶାଳ ବନ ବିଭାଗ ପଟ୍ଟା ଜବତ କରିଛି । ଜବତ୍ ପିଆଶାଳ କାଠର ମୂଲ୍ୟ ୩୦ ହଜାର ଟଙ୍କାରୁ ଅଧିକ ହେବ ବୋଲି ଜଣାପଡିଛି। ବନ ବିଭାଗର ଚଢାଉ ସମୟରେ ଶୁଆକାଟୀ ଫରେଷ୍ଟର ଶରତ କୁମାର ପଟ୍ଟନାୟକ, ଅରବିଟ ଫରେଷ୍ଟ ଗାର୍ଡ ଖଗେଶ୍ୱର ରାଉତ,କାଂଜିପାଣି ଫରେଷ୍ଟର ଶିବ ନାରାୟଣ ଦେବ, କାଂଜିପାଣି ବିଟ୍ ଫରେଷ୍ଟ ଗାର୍ଡ ସ'ୋଷ ବେହେରା,କୁଶକଳା ବିଟ୍ ଫରେଷ୍ଟ ଗାର୍ଡ ମଧୁସ୍ମିତା ଦୋରା, ନୟାକୋଟ ବିଟ ଫରେଷ୍ଟ ଗାର୍ଡ ରାଜେନ୍ଦ୍ର କୁମାର ଜେନା, ତରମାକା' ବିଟ୍ ଫରେଷ୍ଟ ଗାର୍ଡ ସରୋଜ କୁମାର ନାୟକ, ତଣ୍ଡିଯୋଡା ବିଟ୍ ଫରେଷ୍ଟ ଗାର୍ଡ ସ୍ୱାଗତିକା ପଟ୍ଟନାୟକଙ୍କ ସମେତ ପାରା ସ୍କାର୍ଡ କର୍ମଚାରୀ ଥିଲେ।

# ମିଳନୀରେ ଉତ୍କଳ ଦିବସ, କବିତା ସନ୍ଧ୍ୟା ପାଳିତ




କେନ୍ଦୁଝର (ପିଏନ୍):କେନ୍ଦୁଝର ଜିଲ୍ଲାର ସର୍ବ ପ୍ରାଚୀନ ସାରସ୍ୱତ ପ୍ରତିଷ୍ଠାନ ମିଳନୀ ସାହିତ୍ୟ ସଂସଦରେ ଉତ୍କଳ ଦିବସ ଉପଲକ୍ଷେ ଅନୁଷ୍ଠାନର ସଭାପତି ଡକ୍ଟର ବିମ୍ବାଧର ବେହେରାଙ୍କ ସଭାପତିତ୍ୱରେ କବିତା ସନ୍ଧ୍ୟା ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ଓଡିଶା ସାହିତ୍ୟ ଏକାଡେମୀର ଜିଲ୍ଲା ପ୍ରତିନିଧି କବି ପିନାକୀ ମିଶ୍ର, ବଗେଷକ ଡକ୍ଟର ସୁନୀଲ କୁମାର ରଥ ଓ କବି ଦେବାଶିଷ ଚକ୍ରବର୍ତ୍ତୀ ଯଥାକ୍ରମେ ମୁଖ୍ୟଅତିଥି, ବରେଣ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ଶ୍ରୀ ମିଶ୍ର ସୃଜନ ଶିଳ୍ପୀଙ୍କୁ ଉତ୍କଳର ଦୁତ ଗୌରବ ଫେରାଇ ଆଣିବାକୁ ଜନଚେତନା ଉଦ୍ରେକକାରୀ ଲେଖା ଲେଖିବାକୁ ଆହ୍ୱାନ ଦେଇଥିଲେ । ବରେଣ୍ୟ ଅତିଥି ଡକ୍ଟର ରଥ ଭାଷ୍ୟ ଭିତ୍ତିକ ରାଜ୍ୟ ଗଠନରେ ଉତ୍କଳୀୟଙ୍କର ନିରବଚ୍ଛିନ୍ନ ସଂଗ୍ରାମ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଶ୍ରୀ ଚକ୍ରବର୍ତ୍ତୀ ଉତ୍କଳୀୟ ଗୌରବ ସମ୍ପର୍କରେ ତାତ୍ତ୍ୱିକ ଅଭିଭାଷଣ ପ୍ରଦାନ କରିବା ସହିତ ଭାଷା ଭିତ୍ତିକ ରାଜ୍ୟ ଗଠନରେ ଉତ୍କଳ ଗୌରବ ମଧୁସୂଦନ ଦାସ, ପାରଳାର କୃଷ୍ଣଚନ୍ଦ୍ର ଗଜପତି ଓ କର୍ମବୀର ଗୌରୀ ଶଙ୍କରଙ୍କ ଭୂମିକା ଅତୁଳନୀୟ ବୋଲି ମତ ଦେଇଥିଲେ । କବୟିତ୍ରୀ ସଭନା ଜେନାଙ୍କ ସଂଯୋଜନାରେ କବି ସୁଜିତ କୁମାର ମିଶ୍ର, ଶା'ନୁ କୁମାର ମହାପାତ୍ର, ଚି'ାମଣି ମହାଳିକ, ଡକ୍ଟର ସୁମ' ନାୟକ,ସତ୍ୟ ନାରାୟଣ ମିଶ୍ର, ଅଧ୍ୟାପକ ଜଗନ୍ନାଥ ଜେନା, ଡକ୍ଟର ବିପିନ ବିହାରୀ ମହାପାତ୍ର, କୁମାର ରାଉତ, ଇନ୍ଦୁମତୀ ପାତ୍ର, ବିଜୟଲକ୍ଷ୍ମୀ ମହାଁ,ଡକ୍ଟର ଭାରତୀ ବେହେରା,ଚନ୍ଦ୍ରପ୍ରଭା ପତି, ବୀଣାପାଣି ଜେନା ପ୍ରମୁଖ କବିତା ପାଠ କରିଥିଲେ । ଡକ୍ଟର ବିମ୍ବାଧର ବେହେରା ସଭାପତୀୟ ଅଭିଭାଷଣ ପ୍ରଦାନ କରି ଓଡିଶା ଗଠନରେ କେନ୍ଦୁଝରର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ । ଅନୁଷ୍ଠାନର ଯୁଗ୍ମ ସମ୍ପାଦକ କବି ହରିହର ମହା' ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡିଶା ପୋଲିସର ୮୭ ତମ ପ୍ରତିଷ୍ଠା ଦିବସ ପାଳିତ

କେନ୍ଦୁଝର (ପିଏନ୍): କେନ୍ଦୁଝର ପୋଲିସ ରିଜର୍ଭ ପଡିଆଠାରେ ଓଡିଶା ପୋଲିସର ୮୭ତମ ପ୍ରତିଷ୍ଠା ଦିବସ ରିଜର୍ଭ ପୋଲିସ ପଡିଆରେ ପାଳିତ ହୋଇଯାଇଛି। ଆରକ୍ଷୀ ଅଧିକ୍ଷକ ମିତ୍ରଭାନୁ ମହାପାତ୍ର ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। କର୍ତ୍ତବ୍ୟ ସମ୍ପାଦନା ସମୟରେ ଶହୀଦ ହୋଇଥିବା ପୋଲିସ ଓ କର୍ମଚାରୀମାନଙ୍କ ପ୍ରତି ଶ୍ରଦ୍ଧାଂଜଳି ଅର୍ପଣ କରି ଓଡିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ସନ୍ଦେଶ ପଠନ କରିଥିଲେ। ଏହି ଅବସରରେ ଶ୍ରୀ ମହାପାତ୍ର ପୋଲିସ କର୍ମଚାରୀମାନେ ନିଷ୍ଠାର ସହ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଆହ୍ୱାନ ଦେଇଥିଲେ। ସାମାଜିକ ଶାଁ ଶୃଙ୍ଖଳା ରକ୍ଷା ଦିଗରେ କେନ୍ଦୁଝର ପୋଲିସର ଦାୟିତ୍ୱବୋଧକୁ ନେଇ ସ'ୋଷ ପ୍ରକାଶ କରିବା ସହ ନୀତି ଓ ଆଦର୍ଶ ମନୋଭାବ ନେଇ ସମସ୍ତ ପୋଲିସ କର୍ମଚାରୀ ସକ୍ରିୟ ଭାବେ କାର୍ଯ୍ୟ ସମ୍ପାଦନ କରିବାକୁ କହିଥିଲେ। ଏକ ପ୍ରଗତିଶୀଳ, ଗଣତାନ୍ତ୍ରିକ ସମାଜରେ ପୋଲିସ ଏକ ଗୁରୁତ୍ୱପୂର୍ଣ୍ଣ ସଂଗଠନ। ଆଇନର ଶାସନ ସହିତ ଏକ ସୁସ୍ଥ ସମାଜ ଗଠନ ଦିଗରେ ପୋଲିସର ବିଶେଷ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ। ଡିଏସ୍‌ପି ସୁବ୍ରତ କୁମାର ନେତୃତ୍ୱରେ ସମ୍ମିଳିତ ପ୍ୟାରେଡକୁ ସର୍ଜେଣ୍ଟ ରାକେଶ ସ୍ୱାଇଁ ପରିଚାଳନା କରିଥିଲେ। ଶ୍ରେଷ୍ଠ ଏଏସ୍‌ଆଇ ଭାବେ ଶିବପ୍ରସାଦ ଆଇଚ,ଶ୍ରେଷ୍ଠ ହାବିଲଦାର ଭାବେ ପ୍ରବୀଣ କୁମାର ମହା',ଶ୍ରେଷ୍ଠ ଓଆର୍ କନେଷ୍ଟବଳ ଭାବେ ତୁଷାର କୁମାର କର,ଶ୍ରେଷ୍ଠ ଏପିଆର୍ କନେଷ୍ଟବଳ ଭାବେ ବିରଞ୍ଚି ନାରାୟଣ ସାହୁ, ଶ୍ରେଷ୍ଠ ଟ୍ରାଫିକ କନେଷ୍ଟବଳ ଭାବେ ମନୋରମା ସେଠୀ ଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ମିତ୍ରଭାନୁ ମହାପାତ୍ରଙ୍କ ସମେତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିରଞ୍ଚି ପ୍ରସାଦ ଦେହୁରୀ,ସୁଦାମ ସାହୁ,ସୁରେଶ ନାୟକ,ସଦର ଏସ୍‌ଡିପିଓ ପ୍ରକାଶ ଜେମ୍ସ ଟପୋ,ଡିଏସ୍‌ପି କ୍ରାଇମ ଶରତ ପାତ୍ର,ଡିଏସ୍‌ପି ଡିଆଇବି ଇନ୍ଦୁରେଖା ପଶ୍ଚିମ କବାଟ,ଡିଏସ୍‌ପି ଏଚ୍‌ଆର୍‌ପିସି ପାସକାଲ ଏକ୍କା,ହୋମ ଗାର୍ଡ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କାଳୁଚରଣ ବେହେରା, ଡିଏସ୍‌ପି ହେଡକ୍ୱାର୍ଟର ଜୟଶ୍ରୀ ପ୍ରଧାନ,ଆଲିମା ଲାକ୍ରା,ରିଜର୍ଭ ଇନ୍ସପେକ୍ଟର ବିମଳ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଆନନ୍ଦପୁର ଉପଜିଲ୍ଲାପାଳଙ୍କ ସଭାଗୃହରେ ଉତ୍କଳ ଦିବସ ପାଳିତ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଉପଜିଲ୍ଲାପାଳଙ୍କ ସଭାଗୃହରେ ଉତ୍କଳ ଦିବସ ବା ଓଡିଶା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ତହସିଲଦାର ତପନ କୁମାର ନାଏକ, ଆନନ୍ଦପୁର କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ କୁମାର ନାଏକ, କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ସୁଶାନ୍ତ କୁମାର ସେଠୀ ଓ ବରିଷ୍ଠ ଆଇନଜୀବୀ ମହେନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇ ମହାପୁରୁଷ ମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଦୀପ ପ୍ରଜ୍ୱଳନ କରିଥିଲେ । ଶିକ୍ଷୟତ୍ରୀ ଜ୍ୟୋତିର୍ମୟୀ ବଳିଆରସିଂ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଦୀପ କୁମାର ହଜାରୀ ମଞ୍ଚ ପରିଚାଳନା କରିଥିଲେ । ଓଡିଆ ଜାତିର ଗର୍ବ ଓ ଗୌରବ ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗଙ୍ଗାଧର ମେହେର, ରାଧାନାଥ ରାୟ, ବାସୁଦେବ ସୁଢଳଦେବ ଓ କୃଷ୍ଣଚନ୍ଦ୍ର ଗଜପତି ପ୍ରମୁଖ ମହାପୁରୁଷମାନେ ନିଜର ସ୍ୱାର୍ଥକୁ ତ୍ୟାଗ କରି ଉତ୍କଳ ଜନନୀର ସେବା କରିବା ସହିତ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଆଣିଥିଲେ । ତେଣୁ ସମସ୍ତ ଓଡିଆମାନେ ଏହି ଦିବସକୁ ଉତ୍କଳ ଦିବସ ବା ଓଡିଶା ଦିବସ ଭାବେ ବଡ ଆଡମ୍ବର ସହକାରେ ପାଳନ କରି ଆସୁଛନ୍ତି । ଏହି ଅବସରରେ ଅତିଥିମାନେ ମହାପୁରଷ ମାନଙ୍କ ଜୀବନୀ ଓ ସେମାନଙ୍କ ମହାନତା ଉପରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗିରକ ରଘୁନାଥ ପଣ୍ଡିତ, ଆଇନଜୀବୀ ଭାଗିରଥି ଦାସ, ଅବସରପ୍ରାପ୍ତ ଶିକ୍ଷକ ପବିତ୍ର ମୋହନ ବେହେରା, ଗଣମାଧ୍ୟମର ପ୍ରତିନିଧି, ବୁଦ୍ଧିଜୀବୀ, ଆନନ୍ଦପୁର ଉପଖଣ୍ଡର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଉତ୍କଳ ଦିବସକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ କୃତି ଛାତ୍ରଛାତ୍ରୀ ଆନନ୍ଦପୁର ବାଳିକା ବିଦ୍ୟାଳୟର ଶୁଭସ୍ମିତା ମାଝୀ, ଝାଡେଶ୍ୱର ନୋଡାଲ ହାଇସ୍କୁଲର ମିନାକ୍ଷୀ ମହାରଣା, ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ଭାଗ୍ୟଦୀପ ତାରା ଶଙ୍କର, ପଞ୍ଚୁପଲ୍ଲୀ ସରକାରୀ ବାଳିକା ବିଦ୍ୟାଳୟର ସସ୍ମିତା ମହାଁଙ୍କୁ ପୁରସ୍କୃତ କରାଯାଇଥିଲା । ଆନନ୍ଦପୁର ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଦେବେନ୍ଦ୍ର ରାଉତ, ନାରାୟଣ ଦାସ,ଚନ୍ଦ୍ରଶେଖର ଦଳେଇ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଆନନ୍ଦପୁର ଆହାର କେନ୍ଦ୍ରର ସପ୍ତମ ପ୍ରତିଷ୍ଠା ଦିବସ ପାଳିତ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଆହାର କେନ୍ଦ୍ରର ସପ୍ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଉତ୍କଳ ଦିବସରେ ଓଡିଶାର ସମସ୍ତ ପୌରପରିଷଦ ଓ ବିଜ୍ଞାପିତ ଅଂଚଳରେ ଥିବା ଆହାର କେନ୍ଦ୍ରର ୭ବର୍ଷ ପୂର୍ତ୍ତି ଅବସରରେ ଏହାର ସପ୍ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ୨୦୧୫ ଏପ୍ରିଲ ୧ରେ ଗରିବ ଓ ଅସହାୟ ଲୋକମାନଙ୍କ ନିମନ୍ତେ ଆହାର ଯୋଜନାର ଶୁଭାରମ୍ଭ କରିଥିଲେ । ଆହାର କେନ୍ଦ୍ରକୁ ୭ ବର୍ଷ ପୁରି ଥିବା ବେଳେ ଆଜି ସୁଦ୍ଧା ୧୨କୋଟି ଲୋକ ଏହି ଯୋଜନା ମାଧ୍ୟମରେ ଖାଇବାକୁ ପାଉଛନ୍ତି । ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ପୌରପରିଷଦର ଅଧ୍ୟକ୍ଷା ରଜନୀରାଣୀ ଖଟୁଆ ଯୋଗ ଦେଇଥିବା ବେଳେ ଆନନ୍ଦପୁର କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ କୁମାର ନାଏକ, ଆନନ୍ଦପୁର ଆହାର କେନ୍ଦ୍ରର ମୁଖ୍ୟ ପରିଚାଳକ ପରମେଶ୍ୱର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟର ସଂଯୋଜକ ଭାବେ ଡ. ପରମେଶ୍ୱର ଦାସ ଆହାର କେନ୍ଦ୍ରର ରହିଯାଇଥିବା ସମସ୍ୟା ଉପରେ ଆଲୋକପାତ କରି କିଭଳି ସମସ୍ୟା ଦୂର ହୋଇପାରିବ ଏବଂ ଜନସାଧାରଣ ସୁବିଧା ପାଇପାରିବେ ସେଥିପାଇଁ ଅଧ୍ୟକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅଧ୍ୟକ୍ଷା ରଜନୀରାଣୀ ଖଟୁଆ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ କୁମାର ନାଏକଙ୍କ ସହ ଆଲୋଚନା କରି ପାନୀୟ ଜଳ, ଆଲୋକ,ଜେନେରେଟର ବ୍ୟବସ୍ଥା ସହିତ ଏହା ଚତୁଃପାର୍ଶ୍ୱ କିଭଳି ସ୍ୱଚ୍ଛ ରହିବ ସମସ୍ୟାକୁ ସମାଧାନ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ପୌରପରିଷଦର ସହକାରୀ ଯନ୍ତ୍ରୀ ଶୁଭଶ୍ରୀ ବେହେରା, ସି.ଓ. ସୁନୟନା ଧୀର, ପଦ୍ମିନୀ ସାହୁ, ବର୍ଷାରାଣୀ ରାଉତ, ଦୀପକ କୁମାର ରାଉଳ, ସୀମାଞ୍ଚଳ ନୃଶଳ, ଦେବବ୍ରତ ସାମଲ, ଅରବିନ୍ଦ ନାୟକ, ହରେକୃଷ୍ଣ ପାତ୍ର, ବିଷ୍ଣୁଚରଣ ବେହେରାଙ୍କ ସମେତ ପୌରପରିଷଦର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ସୁବିଧା ସଂସ୍ଥା ଆନୁକୂଲ୍ୟରେ ଏକଦିବସୀୟ ହିତାଧିକାରୀଙ୍କ ପରାମର୍ଶ ବୈଠକ

ଖୋର୍ଦ୍ଧା (ପିଏନ୍): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୁବିଧା ଆନୁକୂଲ୍ୟରେ ଗୋଲର୍ଡ ଷ୍ଟାଣ୍ଡାର୍ଡ ଗୁଣ ସମ୍ପର୍ଣ୍ଣ କାର୍ବନ କ୍ରେଡିଟି ଜଳବାୟୁ ପରିବର୍ତ୍ତନ ପ୍ରକଳ୍ପ ଉପରେ ଏକଦିବସୀୟ ହିତାଧିକାରୀ ପରାମର୍ଶ ବୈଠକ ସୁବିଧା ରାଜ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି ।ଖୋର୍ଦ୍ଧା ଜିଲ୍ଲାର ଗ୍ରାମାଅଂଚଳପାଇଁ ଶକ୍ତି ସଂରକ୍ଷଣ ଏବଂ ଜଙ୍ଗଲ ଓ ନିରନ୍ତର ଜୀବିକା ନିର୍ବାହ ଉପରେ ବିକାଶ ବିଷୟରେ ଆଲୋଚନା କରାଯାଇଥିଲା । ଉକ୍ତ ପରାମର୍ଶ ବୈଠକରେ ସୁବିଧା ସଂସ୍ଥାର ଜଳବାୟୁ ପରିବର୍ତ୍ତନ ପ୍ରକଳ୍ପର ମୁଖ୍ୟ ସୁରଜ ଚାନ୍ଦ,ଓଡିଶା ରାଜ୍ୟ ସଂଯୋଜକ ଶିବରାମ ଦାସ୍,ପ୍ରକଳ୍ପ ଅଧିକାରୀ ପ୍ରସନ୍ନ ମିଶ୍ର,କ୍ଷେତ୍ର ଅଧିକାରୀ ରବୀନ୍ଦ୍ର ନାଥ ନାୟକ,ଓ ସୋମେଶ ପଟ୍ଟନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଅଧିକା ବିଷୟରେ ଜାଣିବା ପାଇଁ email adress: ceo@suvidha.org.in, suvidha@gmail.comରେ ଯୋଗାଯୋଗ କରିବାକୁ ଆହ୍ୱାନ କରାଯାଇଛି । ଖୋର୍ଦ୍ଧା ବ୍ଲକର ୧୦ଟି ଗ୍ରାମର ୫୦ଜଣ କୃଷକ ପଞ୍ଚାୟତ ରାଜ ଅନୁଷ୍ଠାନର ସଭ୍ୟସଭ୍ୟା ମାନେ ଉପସ୍ଥିତ ଥିଲେ ।

# କୁରାଢ଼ମଲ୍ଲ ହାଇସ୍କୁଲରେ ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଖୋର୍ଦ୍ଧା (ପିଏନ୍): କୁରାଢ଼ମଲ୍ଲ ସରକାରୀ ହାଇସ୍କୁଲରୁ ଗତ ବର୍ଷକ ମଧ୍ୟରେ ବଦଳି ହୋଇଥିବା, ପଦୋନ୍ନତିରେ ଯାଇଥିବା ଏବଂ ଜିଲା ବଦଳି ଯୋଗୁଁ ବିଦାୟ ନେଇଥିବା ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି । ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ସାମନ୍ତରାୟଙ୍କ ସଭାପତିତ୍ୱରେ କେନ୍ଦ୍ରାପଡ଼ାର ପୂର୍ବତନ ଜିଲାପାଳ ଦେବରାଜ ସେନାପତି ମୁଖ୍ୟ ଅତିଥି, ଐତିହାସିକ ସତ୍ୟବାଦୀ ବଳିଆରସିଂହ ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ରାମ ପ୍ରସାଦ ମହାନ୍ତି, ବିଦ୍ୟାଳୟ କମିଟି ସଭାପତି କୃପାସିନ୍ଧୁ ରାଉତ, ଅମର ପରିଡ଼ା, ଦୁର୍ଗା ପ୍ରସାଦ ବାରିକ, ସି.ଆର.ସିସି. ଧ୍ରୁବଚରଣ ରଣା ଯୋଗ ଦେଇଥିଲେ । ସର୍ବଶ୍ରୀ ବସନ୍ତ କୁମାର ନାୟକ, ନିରଂଜନ ସାହୁ, ସ୍ମୃତିରାଣୀ ବୋଷ, ପ୍ରୀତିରାଣୀ ବୋଷ, ଚକ୍ରଧର ମିଶ୍ର, ଶିବ ପ୍ରସାଦ ମହାପାତ୍ର, ସଂଧ୍ୟାବାଳା ପଟ୍ଟନାୟକ, ସସ୍ମିତା ପାଣିଗ୍ରାହୀ, ବାସନ୍ତୀ ସୁବୁଦ୍ଧି, ପ୍ରିୟଙ୍କା ଦେବୀ, ପୁଷ୍ପାଂଜଳୀ ଦାସ ପ୍ରମୁଖଙ୍କୁ ମାନପତ୍ର, ଉତରୀୟ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେମାନଙ୍କ ଗୁଣାବଳୀ ଅତିଥି, ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ବର୍ଣ୍ଣନା କରିଥିଲେ । କଳ୍ପନା ରାଉତ ମଂଚ ପରିଚାଳନା ତଥା ଅତିଥି ପରିଚୟ ଦେଇଥିବା ବେଳେ ପଙ୍କଜିନୀ ପରିଡା ଧନ୍ୟବାଦ ଦେଇଥିଲେ । ବିଷ୍ଣୁପ୍ରିୟା ସାହୁ, ପୁଷ୍ପଲତା ହରିଚନ୍ଦନ, ନମିତା ପଣ୍ଡା, ଅନୁଭା ଦୀପ୍ତି ବିଷୋୟୀ, ତୁଳସୀ ପଣ୍ଡା ଓ ସାବିତ୍ରୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ ପ୍ରଦାନ କରିଥିଲେ ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness translation, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagun Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com






# ୨ ବର୍ଷ ହେଲା ସରୁନାହିଁ ଜାରକା ଫ୍ଲାଇଓଭରବ୍ରିଜ ନିର୍ମାଣ

ଧର୍ମଶାଳା,(ପିଏନ୍): ୧୬ ନମ୍ବର ଜାତୀୟ ରାଜପଥର ପ୍ରଶସ୍ତିକରଣ କାମ ଚାଲିଥିବା ବେଳେ ରାଜପଥର ଜାରକାଠାରେ ଦୀର୍ଘ ୨ ବର୍ଷ ହେଲା ଫ୍ଲାଇ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଚାଲୁରହିଛି । ହେଲେ ଏହା କେବେ ସମ୍ପୂର୍ଣ୍ଣ ହେବ ତାକୁ ନେଇ ପ୍ରଶ୍ନବାଚୀ ଦେଖାଦେଇଛି । ଜାତୀୟ ରାଜପଥ ପ୍ରଶସ୍ତିକରଣ ଚାଲିଥିବା ବେଳେ ଜାରକା ଠାରେ ଏକ ଓଭରବ୍ରିଜ ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଥିଲେ । ଜାରକା ଠାରେ ଏକ ଓଭର ବ୍ରିଜ ନିର୍ମାଣର ଅବଶ୍ୟକତାକୁ ଉପଲବ୍ଧି କରି ଜାତୀୟ ରାଜପଥ ପ୍ରାଧିକରଣ କର୍ତୃପକ୍ଷଙ୍କ ଅନୁମୋଦନ କ୍ରମେ ଏଠାରେ ଏକ ଓଭର ବ୍ରିଜ ନିର୍ମାଣ କରିବାକୁ ମୁରି ମିଳିବା ସହ ରାଜପଥ ସଂପ୍ରସାରଣ ଦାୟିତ୍ୱରେ ଥିବା ଠିକାଦାରଙ୍କୁ ଏହି କାର୍ଯ୍ୟ କରିବାକୁ ଅନୁମୋଦନ ମିଳିଥିଲା । ସମ୍ପୃକ୍ତ ଠିକାଦାର ଏପ୍ରିଲ ମାସ ୨୦୨୦ ମସିହାରେ ୧୬ ନମ୍ବର ଜାତୀୟ ରାଜପଥରେ ଜାରକା ଠାରେ ଓଭର ବ୍ରିଜ ନିର୍ମାଣ କାମ ଆରମ୍ଭ କରିଥିଲା । ଓଭରବ୍ରିଜ ନିର୍ମାଣ ବେଳେ ରାଜପଥକୁ ୩୦ଫୁଟରୁ ଉର୍ଦ୍ଧ ଖୋଳାଯାଇଥିଲା । ଫଳରେ ରାଜପଥ ଦେଇ ଯାଉଥିବା ଯାନବାହାନ ଗୁଡିକୁ ବାଇପାସ ରାସ୍ତାରେ ଯାତାୟତ କରିଥିଲା । ତେବେ ୨ ବର୍ଷ ହେଲା ରାସ୍ତାକାମ ସରୁନଥିବାରୁ ଗାଡି ଗୁଡିକ ଅଦ୍ୟାବଧି ବାଇପାସ ରାସ୍ତା ଦେଇ ଯାତାୟତ କରୁଛି । ତେଣେ ଏଠାରେ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ଉଭୟ ପାର୍ଶ୍ୱର ରାସ୍ତାକୁ ବ୍ରିଜ ସହିତ ସଂଯୋଗ କରା ଯାଇ ନଥିବାରୁ ଗାଡି ଗୁଡିକ ବାଇପାସ ରାସ୍ତାରେ ଯିବା ଅସିବା କରିବାକୁ ବାଧ୍ୟ ହେଉଛନ୍ତି । ଫଳରେ ବଜାର ଦେଇ ଯାଇଥିବା ବାଇପାସ ରାସ୍ତାରେ ଲୋକଙ୍କ ଭିଡ ଲାଗିରହୁଥିବାରୁ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ଘଟି ଧନଜୀବନ ହାନୀ ଘଟୁଛି । ଦାୟିତ୍ୱରେ ଥିବା ଠିକାସଂସ୍ଥାର ବେପରୱା ମନୋଭାବ ଯୋଗୁଁ ଦୀର୍ଘ ୨ ବର୍ଷ ହେଲା ରାସ୍ତା କାମ ସରିପାରୁ ନାହିଁ । ଅନ୍ୟପଟେ ଠିକାସଂସ୍ଥା ପକ୍ଷରୁ ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନୀକ ଅଧିକାରୀଙ୍କ ସମେତ ଜିଲ୍ଲାସ୍ତରୀୟ ପ୍ରଶାସକଙ୍କୁ ହାତରେ ରଖି ମନୋମୁଖୀ କାର୍ଯ୍ୟ କରୁଥିବା ଲୋକେ ଅଭିଯୋଗ କରିଛନ୍ତି । ଠିକାସଂସ୍ଥା ଦ୍ୱାରା ଏହି କାର୍ଯ୍ୟ ଖୁବ ମନ୍ଥର ଗତିରେ କରାଯାଉଥିବାରୁ ଏହା ସମ୍ପୁର୍ଣ୍ଣ ହେବା ନେଇ ପ୍ରଶ୍ନବାଚୀ ଦେଖାଦେଇଛି । ତେବେ ଯଥା ଶିଘ୍ର ଏହି କାର୍ଯ୍ୟ ସମାପ୍ତ କରି ମୁଖ୍ୟ ରାସ୍ତାରେ ଗାଡି ଚଳାଚଳକୁ ସ୍ୱଭାବିକ କରିବାକୁ ଜାରକା ଅଂଚଳବାସୀ ଦାବି କରିବା ସହ ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି ।

## ମେଗା ପାନୀୟ ପ୍ରକଳ୍ପ ଷ୍ଟକୟାର୍ଡକୁ ଗ୍ରାମବାସୀଙ୍କ ବିରୋଧ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅଂଗତ ତରଂଜିଆ ପଂଚାୟତ ପୋବଳ ଗ୍ରାମରେ ଥିବା ମେଗା ପାନୀୟ ପ୍ରକଳ୍ପର ଷ୍ଟକ ୟାର୍ଡକୁ ଆଜି ଗ୍ରାମବାସୀ ବିରୋଧ କରିଛନ୍ତି । ଏଠାରେ ଦୀର୍ଘ ଦୁଇ ବର୍ଷ ହେଲା ପ୍ରକଳ୍ପର ପାଇପ ଓ ଅନ୍ୟାନ୍ୟ ସାମଗ୍ରୀ ରଖାଯାଇ ପାଂଚ ଏକର ପରିମିତ ସ୍ଥାନକୁ ଅବରୋଧ କରାଯାଇଛି । ଫଳରେ ଏହି ଗୋଚର ଜମିରେ ଗାଁର ଗୋରୁ ଗାଈ ଚରିବା ନିମନ୍ତେ ସମସ୍ୟା ସୃଷ୍ଟି ହୋଇଛି । ଅପରପକ୍ଷେ ପ୍ରକଳ୍ପ ପାଇଁ ଏଠାରେ ସାମଗ୍ରୀ ଗୁଡିକୁ ଦୈନନ୍ଦିନ ବଡ ବଡ ଗାଡି ଯିବା ଆସିବା ଫଳରେ ରାସ୍ତା ଖରାପ ହେବା ସହ ଧୂଳି ଧୂଆଁରେ ଗ୍ରାମବାସୀ ଅତିଷ୍ଟ ହୋଇପଡିଛନ୍ତି । ଏନେଇ ଗ୍ରାମବାସୀ ଧର୍ମଶାଳା ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ ହେଁ ଏଥିପ୍ରତି କେହି ଦୃଷ୍ଟି ଦେଉନାହାଁନ୍ତି । ଫଳରେ ବାଧ୍ୟ ହୋଇ ଆଜି ଶତାଧିକ ଗ୍ରାମବାସୀ କଂପାନୀର ଷ୍ଟକ ୟାର୍ଡର ଫାଟକ ସମ୍ମୁଖରେ ହୋହାଲ୍ଲା କରିବା ସହ ଏହାକୁ ତୀବ୍ର ବିରୋଧ କରିଥିଲେ ।

# ଧର୍ମଶାଳା ବିଦ୍ୟୁତ୍ ଉପଖଣ୍ଡରେ ବାଟହୁଡିଛି ସୌଭାଗ୍ୟ ଯୋଜନା

ଧର୍ମଶାଳା, (ପିଏନ୍): ଗରିବଙ୍କୁ ବିଜୁଳି ଯୋଗାଇ ଦେବା ଲକ୍ଷ୍ୟରେ କେନ୍ଦ୍ର ସରକାର ୨୦୧୭ ଅକ୍ଟୋବରରେ ସୌଭାଗ୍ୟ ଯୋଜନା ଆରମ୍ଭ କରିଥିଲେ । ଆର୍ଥିକ ଅନଗ୍ରସର ପରିବାରକୁ ବିଦ୍ୟୁତ ଯୋଗାଇ ଦେବା ଉକ୍ତ ଯୋଜନାର ପ୍ରମୁଖ ଲକ୍ଷ୍ୟ ରହିଥିଲା । ମାତ୍ର ଧର୍ମଶାଳା ବିଦ୍ୟୁତ ଉପଖଣ୍ଡ ଅଧିନରେ ଏହି ଯୋଜନାରେ ବ୍ୟାପକ ଅନିୟମିତାତା ହୋଇଥିବା ଜଣାପଡିଛି । ସମ୍ପୁର୍ଣ୍ଣ ଗରିବ ପରିବାରଙ୍କ ପାଇଁ ଏହି ଯୋଜନା । ଆର୍ଥିକ ସ୍ୱଚ୍ଛଳ ବର୍ଗର ବ୍ୟକ୍ତିଙ୍କୁ ଏହି ଯୋଜନାରେ ଆଦୌ ସାମିଲ କରାଯିବ ନାହିଁ ବୋଲି ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଥିଲା । ଯଦିଓ ଏହି ଯୋଜନା ୨୦୨୧ରେ ବନ୍ଦ ହୋଇ ଯାଇଛି , ହେଲେ ଏହାରି ମଧ୍ୟରେ ଧର୍ମଶାଳା ବିଦ୍ୟୁତ ଉପଖଣ୍ଡରେ ଏକ ବଡ ଧରଣର ଘୋଟାଲା ହୋଇଛି । ଧର୍ମଶାଳା ଅଞ୍ଚଳର ରାଜନେତା, ଟ୍ରକ ମାଲିକ, କ୍ରସର ମାଲିକ, ଶିକ୍ଷକ, ଅଧାପକ, ଆଇନଜୀବି, ବଡ ବ୍ୟବସାୟୀ, 'ଏ' କ୍ଲାସ ଠିକାଦର ଓ ଅନ୍ୟାନ୍ୟ ସରକାରୀ ବାବୁ ଏହି ଯୋଜନାରେ ଘରକୁ ବିଦ୍ୟୁତ ସଂଯୋଗ ନେଇଥିବା ବିଦ୍ୟୁତ ବିଭାଗରୁ ମିଳିଥିବା ତଥ୍ୟରୁ ଜଣାପଡିଛି । ଏପରିକି ବ୍ଲକ ସଦର ମହକୁମା କୁହାଯାଉଥିବା ଜାରକା, ଜାମୁବଣିଆ, କୁମାରୀ, ପଣ୍ଡୁଆ, ନୂଆଗାଁ, ଶାନ୍ତି ବଜାର ଆଦି କଲୋନୀରେ ଶୀତତାପ ନିୟନ୍ତ୍ରୀତ ଘରେ ରହି ଚାରି ଚକିଆ ଗାଡି ବ୍ୟବହାର କରୁଥିବା ବ୍ୟକ୍ତିମାନେ ଏହି ଯୋଜନାରେ ସାମିଲ ହୋଇଛନ୍ତି । ଏମାନେ ବିନା ମିଟରରେ ମାସିକ ୨ଶହରୁ ୫ଶହ ଟଙ୍କା ପର୍ଯ୍ୟନ୍ତ ସର୍ବନିମ୍ନ ବିଲ ଦେଇ ୨/୩ କିଲୋ ୱାଟ ପର୍ଯ୍ୟନ୍ତ ବିଦ୍ୟୁତ ବ୍ୟବହାର କରୁଛନ୍ତି । ଏପରିକି ଗୋଟିଏ ଗୋଟିଏ ଘରେ ଦୁଇଟି ବିଦ୍ୟୁତ ସଂଯୋଗ ଦୁଇ ଜଣଙ୍କ ନାମରେ ରହିଥିବା ଜଣାଯାଇଛି । ଗୋଟିଏ ସୌଭାଗ୍ୟ ଓ ଅନ୍ୟଟି ସାଧାରଣ ହିତାଧିକାରୀ । ଗରିବଙ୍କ ବଦଳରେ ଏହି ବର୍ଗର ବ୍ୟକ୍ତିଙ୍କୁ କିଏ କେଉଁ ଯୋଗ୍ୟତା ଆଧାରରେ ସାମିଲ କରିଛି ତାକୁ ନେଇ ପ୍ରଶ୍ନ ଉଠିଛି । ଏହି ବଡ ଘୋଟଲା ପଛରେ କେଉଁ ବଡ ବଡ ବାବୁମାନଙ୍କ ହାତ ରହିଛି ଓ କେତେ ଟଙ୍କା ଦୁର୍ନୀତି ହୋଇଛି ଏହାର ଖୁଲାସା ପାଇଁ ସୂଚନା କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତ ନିକଟରେ ଅଭିଯୋଗ ଦାୟର କରିଛନ୍ତି । ଲୋକାୟୁକ୍ତଙ୍କ ପକ୍ଷରୁ ଏହାର ତଦନ୍ତ ହେଲେ ଅନେକ ଥଣ୍ଡାଠକଙ୍କ ମୁଖା ଖୋଲିଯିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ କେଳେଙ୍କାରୀ, ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ କର୍ତୃପକ୍ଷ ନିରବ ଦ୍ରଷ୍ଟା

ଘଷିପୁରା:(ପି,ଏନ):କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ନିର୍ମିତ ରାସ୍ତାର ଅନିୟମିତତା ସମ୍ପର୍କିତ ଖବର ଏବେ ଲୋକଲୋଚନକୁ ଆସିବାରେ ଖବର ଫର୍ଦ୍ଦାଫାସ ହୋଇଛି । ଖବର ଅନୁଯାୟୀ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ପ୍ୟାକେଜ ନମ୍ବର ଓଆର୧୭-୪୯୮ ଖପରାଖାଇ ଠାରୁ ଟୁକୁଣା ପର୍ଯ୍ୟନ୍ତ ସାତର ଲମ୍ବ ୩.୩୦୦ କି.ମି. ଅଟକଳ ପରିମାଣ ୧୪୪.୬୩ ଟଙ୍କା ଟଙ୍କାର ସଡକ ଖପରାଖାଇ ଟୁକୁଣାରେ ନ ହୋଇ ବେଲବାହାଳି ପଂଚାୟତ (ପୁରୁଣିଆ ହାଇସ୍କୁଲ ଠାରୁ ବେଲବାହାଳି ତୋଟା)ରେ କିପରି ତିଆରି କରାଗଲା । ଏହି କାର୍ଯ୍ୟଟି ପାଇଁ ତିଆରି ହୋଇଥିବା ସୂଚନା ଫଳକଟିରେ କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ ନାଲି ଅକ୍ଷରରେ ପରମୂହୁର୍ତ୍ତରେ ହାତରେ ଯଥାକ୍ରମେ ୨୭.୦୭.୨୦୧୮ ଏବଂ ୨୯.୦୬.୨୦୧୯ ବୋଲି ଲେଖା ଯାଇଛି । ସମସ୍ତ ସୂଚନା ଫଳକ ଖପରାଖାଇ ବା ଟୁକୁଣାର କୌଣସି ଜାଗାରେ ଲଗା ନଯାଇ ବେଲବାହାଳି ପୁରୁଣିଆ ତୋଟା ଠାରେ ଲଗା ଯାଇଛି ।

# ଗଡବାନ୍ଧଗୋଡା ଠାରେ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା

ଘଷିପୁରା:(ପି.ଏନ):ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ ଅଂର୍ଗତ ଗଡବାନ୍ଧଗୋଡା ଠାରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ, ମା' ମହାଲକ୍ଷ୍ମୀ ଓ ମା' ବିମଳାଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ୨୨ତାରିଖ ଠାରୁ ଆରମ୍ଭ । ୨୫ତାରିଖ ପର୍ଯ୍ୟନ୍ତ ଦୀର୍ଘ ୩ଦିନ ଧରି ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ବୈଦିକ ରୀତିନୀତି ଅନୁଯାୟୀ ୨୨ ତାରିଖ ସନ୍ଧ୍ୟା ୫ଘଟିକା ସମୟରେ ଶୁଭ ଅଙ୍କୁରାରୋପଣ, ୨୩ ତାରିଖ ଶନିବାର ଶୁଭା ଦିବସ, କଳସ ଯାତ୍ରା, ଯଜ୍ଞବେଦୀ ମଣ୍ଡନ, ସୂର୍ଯ୍ୟପୂଜା, ଗୁରୁପୂଜା, ଯଜ୍ଞ କର୍ମର ଶୁଭାରମ୍ଭ ଓ ସ୍ନାନ ଶୟନ ୨୪ତାରିଖ ରବିବାର ଦିନ ଗୀତାଯଜ୍ଞ ଓ ୨୫ତାରିଖ ସୋମବାର ଦିନ ବାସ୍ତୁ ପୂଜା ସହ ଅପରାହ୍ନରେ ଦିଅଁ ମାନଙ୍କର ମନ୍ଦିର ପ୍ରବେଶ ଓ ୫.୧୬ମିନିଟ୍ରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବା ପାଇଁ ସ୍ଥିରୀକୃତ କରାଯାଇଥିବା କାର୍ଯ୍ୟସୂଚୀ ସାରଣୀରୁ ଜଣାପଡିଛି । ଏହି ଅବସରରେ ପ୍ରତ୍ୟେକ ଦିନ ୭.୩୦ରୁ ୧୦.୩୦ ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ । ଏହି କ୍ରମରେ ପଣ୍ଡିତ ଶରଣାବିନ୍ଦଙ୍କ ଦ୍ୱାରା ଶ୍ରୀ ଜଗନ୍ନାଥ କଥାମୃତକୁ ନେଇ ପ୍ରବଚନ କାର୍ଯ୍ୟକ୍ରମ ହେବା ସହିତ ୨୨ତାରିଖ ଦିନ ବିଶିଷ୍ଟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକଙ୍କ ଦ୍ୱାରା ଭଜନ



ପରିବେଷଣ, ୨୩ତାରିଖରେ କଣ୍ଠଶିଳ୍ପୀ ଅଳୀ ମିଶ୍ର, ପତିତିପାବନ ଦାଶ ୨୪ରେ କଣ୍ଠଶିଳ୍ପୀ ଶୈଳଭାମା ମହାମାତ୍ର, ରବୀନ୍ଦ୍ର ମହାପାତ୍ର ଏବଂ ୨୫ତାରିଖରେ ଅନୁସୂୟା ନାଥ ଓ ଶରତ ବାରିକ ଭଜନ ପରିବେଷଣ କରିବେ । ଏହି ଉତ୍ସବରେ ଅଂଚଳବାସୀ ବହୁ ସଂଖ୍ୟାରେ ଯୋଗ ଦେବାକୁ କମିଟି ପକ୍ଷରୁ ନିବେଦନ କରାଯାଇଛି ।

# ସ୍ଲରି ପାଇପ୍ ଲାଇନ ମାଧ୍ୟମରେ ଖଣିଜ ପରିବହନର ନୂତନ ପ୍ରକଳ୍ପ କାର୍ଯ୍ୟ ବନ୍ଦ କରିବାକୁ ଦାବୀପତ୍ର

କେନ୍ଦୁଝର:(ପି.ଏନ): କେନ୍ଦୁଝର ଜିଲ୍ଲାରୁ ସ୍ଲରି ପାଇପ ମାଧ୍ୟମରେ ଖଣିଜ ପରିବହନର ନୂତନ ପ୍ରକଳ୍ପକୁ ବନ୍ଦ କରିବା ସହିତ ଟ୍ରକ ମାଧ୍ୟମରେ ଖଣିଜ ପରିବହନ ନିମନ୍ତେ ବୁଧବାର କେନ୍ଦୁଝର ଜିଲ୍ଲାର ବିଭିନ୍ନ ଟ୍ରକ ମାଲିକ ସଂଘକୁ ନେଇ ଗଠିତ କୋର କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ବଡବିଲ ସୋୟାବାଲି ଠାରୁ ଅନୁଗୁଳ ଷ୍ଟିଲ ପ୍ରକଳ୍ପକୁ ଶୀଘ୍ର ବନ୍ଦ କରାନଗଲେ ଜିଲ୍ଲା ଟ୍ରକ ମାଲିକ ଏବଂ ଟ୍ରକ ବ୍ୟବସାୟର ଉପରେ ନିର୍ଭରଶୀଳ ହଜାର ହଜାର ଲୋକେ ପ୍ରଭାବିତ ହେବେ ବୋଲି କୋର କମିଟି କହିଛି । କେବଳ ସେତିକି ନୁହଁ ଜିଲ୍ଲାରେ ଋଣ କରି ଖଣ୍ଡିଏ ଖଣ୍ଡିଏ ଟ୍ରକ କରିଥିବା ଶିକ୍ଷିତ ବେକାର ମାନେ କାମ ନପାଇ ଆର୍ଥିକ ଅନାଟନ ମଧ୍ୟରେ ଗତି କରିବେ ବୋଲି ସେମାନେ ଅଭିଯୋଗ କରିଛନ୍ତି ।

# ଶ୍ରାଦ୍ଧ ଦିବସରେ ଜାନକୀବାବୁଙ୍କୁ କଂଗ୍ରେସର ଶ୍ରଦ୍ଧାଳି



ରାଉରକେଲା, (ପି.ଏନ) : ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ତଥା ଆସାମାର ପ୍ରାକ୍ତନ ରାଜ୍ୟପାଳ, ଜନନାୟକ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ୭ମ ଶ୍ରାଦ୍ଧବାର୍ଷିକୀ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ପାଳିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସନ୍ଧ୍ୟା ୫ ଘଟିକା ସମୟରେ ଉପସ୍ଥିତ ହୋଇ ଜାନକୀ ବାବୁଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଜିଲ୍ଲା କଂଗ୍ରେସର ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଳି ସଭାରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ଲିଗାଲ ସେଲ୍ ଅଧକ୍ଷ ବିସ୍ମୟ ଦାସ ଓ କଂଗ୍ରେସ ମୁଖପାତ୍ର ଗିରିଜା ଶଙ୍କର ମିଶ୍ର ପ୍ରମୁଖ ପ୍ରଚଣ୍ଡ ଜ୍ଞାନୀ, ଗୁଣୀ ତଥା ଜଣେ ସୁଶାସକ ଭାବେ ପ୍ରତିଷ୍ଠା ଅର୍ଜନ କରିଥିବା ସ୍ୱର୍ଗତ ଜାନକୀ ବାବୁଙ୍କ ବହୁମୁଖୀ ପ୍ରତିଭା ଉପରେ ବିଶଦ୍ ଭାବେ ଆଲୋକପାତ କରିଥିଲେ । ଓଡିଶାକୁ ଦେଶର ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ଜଳ ସେଚନ ଓ ଶିଳ୍ପାୟନ ବହୁବିଧ ଉନ୍ନତି ଜାନକୀ ବାବୁଙ୍କ ଶାସନ କାଳରେ ସମ୍ଭବ ହୋଇଥିଲା ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ଆଜି ହଜାର ହଜାର ଲୋକଙ୍କୁ କର୍ମ ସଂସ୍ଥାନ ଯୋଗାଉଥିବା କଳୁଙ୍ଗା ଶିଳ୍ପାଞ୍ଚଳ ଜାନକୀ ବାବୁଙ୍କ ଅନବଦ୍ୟ ସୃଷ୍ଟି ବୋଲି ବକ୍ତାମାନେ ପ୍ରକାଶ କରି ବିଶାଳ ଛେଣ୍ଡ ହାଉସିଂ କଲୋନୀର ଭିତ୍ତିପ୍ରସ୍ତର ତାଙ୍କରି ଅମଳରେ ହୋଇଥିଲା ବୋଲି ପ୍ରକାଶ କରିଥିଲେ । ରାଉରକେଲା ବିଇଡି କଲେଜ ଠାରୁ ଆରମ୍ଭ କରି ଅନେକ ମହତ୍ୱପୂର୍ଣ୍ଣ ଶିକ୍ଷାନୁଷ୍ଠାନକୁ ପ୍ରୋତ୍ସାହନ ଦେବାରେ ତାଙ୍କର ମହତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ତାଙ୍କ ଭଳି ଜଣେ ବିରଳ ପ୍ରତିଭାସମ୍ପନ୍ନ ବ୍ୟକ୍ତିତ୍ୱ ରାଜନୀତିରେ କ୍ୱଚିତ୍ ଦେଖିବାକୁ ମିଳେ ବୋଲି ବକ୍ତାମାନେ ପ୍ରକାଶ କରି ତାଙ୍କ କର୍ମମୟ ଜୀବନକୁ ଅନୁସରମ କରି ରାଉରକେଲା ତଥା ରାଜ୍ୟର ବିକାଶରେ ନିଜକୁ ସମର୍ପଣ କଲେ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଳି ହେବ ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଅନୁସୂଚିତ ଜାତି ଅଧକ୍ଷ ବିନୋଦ ତାନ୍ତି, ମୁଖପାତ୍ର କୈଳାସ ସାହୁ, ସାଧାରଣ ସମ୍ପାଦକ ତୁଳୀସ ନାଗ, ସମ୍ପାଦକ ପ୍ରତିମା ପାଣିଗ୍ରାହୀ, ରୁକସାନା ବେଗମ, ଦିଲ୍ଲୀପ ଜେନା, ଭାସ୍କର ଖିଲ୍ଲାର, ବ୍ଲକ୍ ସଭାପତି ବିଜୟ ଆପଟ, ଉପସଭାପତି ପ୍ରଭାକର ଭୋଳ, ସାମାଜିକ ଗଣମାଧ୍ୟମ ଉପାଧକ୍ଷ ସୁଧୀର ନାଥ, ସେବାଦଳର ବୁଲୁ ଦାସ, ଏସ୍‌ସି ସେଲ୍‌ର ବ୍ଲକ୍ ଅଧକ୍ଷ ଶ୍ୟାମ ସାଗର, ସେବାଦଳର ସୋନୁ ସାହୁ, ବରିଷ୍ଠ ନେତା ରେହେମାନ ଖାନ, ନରେନ୍ଦ୍ର ବର୍ମା, ଅର୍ଜୁନ ଗୋଚ୍ଛାୟତ, ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଇସ୍ତିହାର ଅହମ୍ମଦ, ଛାତ୍ର କଂଗ୍ରେସ ନେତା ପ୍ରତୀକ ବର୍ମା ଓ ଅନ୍ୟମାନେ ଉପସ୍ଥିତ ରହି ଶ୍ରଦ୍ଧାଳି ଜ୍ଞାପନ କରିଥିଲେ ବୋଲି ଦଳ ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray